ଆଜି - ରବିବାର
ତାରିଖ - ୦୪ ଅକ୍ଟୋବର ୨୦୨୬
ମାସ - କନ୍ୟା, ଦିନ - ୧୮
ତିଥି - ଅଷ୍ଟମୀ, ନବମୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - କ୍ଷୟ, ପୁନର୍ବସୁ, ମିଥୁନ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୭: ୦୦
ସୂର୍ଯ୍ୟାସ୍ତ - ୫ : ୩୦ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


“ସହସ୍ର ସମରରେ ବିଜୟ ଲାଭ କରିବା ଅପେକ୍ଷା ନିଜ ଉପରେ ବିଜୟ ଲାଭ କରିବା ଯଥେଷ୍ଟ ଉତ୍ତମ । ତା’ପରେ ସଦା ସର୍ବଦା ତୁମର ବିଜୟ ହୋଇଥାଏ । ଏହାକୁ ତୁମଠାରୁ କାଢ଼ି ନିଆଯାଇ ପାରି ନଥାଏ । ”

- ଗୌତମ ବୁଦ୍ଧ


E-mail: ajikalibls@gmail.com

E-News : www.Ajikali epaper.com

Vol.- 41 ISSUE- 172 R.N.I. REGD. No. 44026/86 ବାଲେଶ୍ୱର ୦୪ ଅକ୍ଟୋବର ୨୦୨୬ ରବିବାର BALASORE 04 OCTOBER 2026 SUNDAY “REGISTERED” REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ଅଧ୍ୟାପକ ନିଯୁକ୍ତି ଶୀଘ୍ର ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଲେ ରାଜ୍ୟପାଳ



ଭୁବନେଶ୍ୱର: ନଭେମ୍ବର ମାସର ପ୍ରଥମ ସପ୍ତାହ ସୁଦ୍ଧା ଅଧ୍ୟାପକ ପଦବୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରନ୍ତୁ ଏବଂ ମାସ ଶେଷ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରନ୍ତୁ । ଏନେଇ ଓଡ଼ିଶାର ରାଜ୍ୟପାଳ ହରି ବାବୁ କମ୍ଭମପତି ଶନିବାର ଦିନ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ ଗୁଡ଼ିକର କୁଳପତିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଶ୍ୱବିଦ୍ୟାଳୟ ଗୁଡ଼ିକର କୁଳାଧିପତି ଥିବା ହରି ବାବୁ କମ୍ଭମପତି ଭୁବନେଶ୍ୱରସ୍ଥିତ ଲୋକ ଭବନ ପରିସରରେ ଥିବା ‘ନୂଆ ଅଭିଷେକ ହଲ୍’ର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ବୈଠକରେ ଯୋଗଦେଇ ଏହି କଥା କହିଥିଲେ । ଏହି ବୈଠକ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ନେଇ ଆୟୋଜିତ ହୋଇଥିଲା । ଏହି ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଉଚ୍ଚଶିକ୍ଷା ବିଭାଗର କମିଶନର-ତଥା-ସଚିବ ଅରବିନ୍ଦ ଅଗ୍ରୱାଲ, ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ଓ କୁଳସଚିବ, ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ଲୋକ ଭବନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ରାଜ୍ୟପାଳ କହିଛନ୍ତି ଯେ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତି ପରେ ଖାଲି ପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ କରିବା ହେଉଛି ପରବର୍ତ୍ତୀ ବଡ଼ ଆହ୍ୱାନ । ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଗୋଟିଏ ଦିନରେ ୧୪ଟି ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ ହୋଇଥିବା କଥା ମନେ ପକାଇ ସେ କହିଛନ୍ତି ଯେ, ବର୍ତ୍ତମାନ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ପାଇଁ ସ୍ୱଷ୍ଟ ସମୟ ସୀମା ନିର୍ଦ୍ଧାରଣ କରାଯିବା ଆବଶ୍ୟକ ।

## ଓଡ଼ିଶା ଟ୍ରାଭେଲ ବଜାରର ସପ୍ତମ ସଂସ୍କରଣକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର : ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ପ୍ରଦାନ କରିବା ଏବଂ ବ୍ୟାପକ ପୁଞ୍ଜିନିବେଶକୁ ଆକୃଷ୍ଟ କରିବାର ମହତ୍ୱପୂର୍ଣ୍ଣ ଲକ୍ଷ୍ୟ ନେଇ ଆଜି ରାଜଧାନୀ ଭୁବନେଶ୍ୱରଠାରେ ‘ଓଡ଼ିଶା ଟ୍ରାଭେଲ ବଜାର’ର ସପ୍ତମ ସଂସ୍କରଣ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବୃହତ ପର୍ଯ୍ୟଟନ ମହାକୁମ୍ଭକୁ ଉଦଘାଟନ କରିଛନ୍ତି । ଦେଶବିଦେଶରୁ ଆସିଥିବା ନିବେଶକ, ହସ୍ପିଟାଲିଟି ବ୍ରାଣ୍ଡ ଏବଂ ଟୁରିଜିମ୍ ପାର୍ଟନରମାନେ ଓଡ଼ିଶାର ଅସୀମ ସମ୍ଭାବନାକୁ ଉପଯୋଗ କରି ପୁଞ୍ଜିନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପର୍ଯ୍ୟଟକଙ୍କ ପାଇଁ ଏକ ଆଦର୍ଶ ଓ ସ୍ୱର୍ଗ ଭାବେ ଗଢ଼ିତୋଳିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି । ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ଦ୍ରୁତ ବିକାଶ ପାଇଁ ସରକାର ‘ଅତ୍ୟାଧୁନିକ ନୀତି ଅନୁଯାୟୀ ଷ୍ଟାର୍ ହୋଟେଲଗୁଡ଼ିକ ପାଇଁ କୋଠରୀ ସଂଖ୍ୟା ସର୍ବନିମ୍ନ ୫୦ରୁ ହ୍ରାସ କରାଯାଇ ୧୦ କରାଯାଇଥିବାବେଳେ ପୁଞ୍ଜି ସବ୍ ?ସିଡି ସୀମାକୁ ୨୦ କୋଟିରୁ ବୃଦ୍ଧି କରାଯାଇ ସର୍ବାଧିକ ୧୨୦ କୋଟି ଟଙ୍କା ପର୍ଯ୍ୟନ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ଗୁଣାତ୍ମକ ମୌଳିକ କାଠାମାଛ ନିର୍ମାଣ ନିମନ୍ତେ ୨୦୨୬ ରୁ ୨୦୩୧ ମଧ୍ୟରେ ୧,୫୦୦ କୋଟି ଟଙ୍କାର ବଜେଟ୍ ଏବଂ ୫,୫୦୦ ଏକର ପରିମିତ ବିଶାଳ ‘ଲ୍ୟାଣ୍ଡ ବ୍ୟାଙ୍କ’କୁ ମଞ୍ଜୁରୀ ଦିଆଯାଇଛି, ଯାହା ଦ୍ୱାରା ରାଜ୍ୟରେ ନୂତନ ହୋଟେଲ ଓ ରିସର୍ଟ ନିର୍ମାଣ ପାଇଁ ପଥ ସୁଗମ ହୋଇଛି । ଅତିଥିମାନଙ୍କ ସୁରକ୍ଷା ଓ ଅତିଥି ସତ୍କାରକୁ ସର୍ବାଧିକ ପ୍ରାଥମିକତା ଦେଇ ମୁଖ୍ୟମନ୍ତ୍ରୀ କିଛି ଗୁରୁତ୍ୱପୂର୍ଣ୍ଣ ଓ ଯୁଗାନ୍ତକାରୀ ଘୋଷଣା କରିଛନ୍ତି । ରାଜ୍ୟର ୨୯ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ‘ଟୁରିଷ୍ଟ ପୋଲିସ’ ବ୍ୟବସ୍ଥା ଆରମ୍ଭ କରାଯାଉଥିବାବେଳେ ସମୁଦ୍ରକୂଳ ଓ ଜଳକ୍ରୀଡ଼ା ସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ‘ଓସ୍ୱାଲି’ ମାଧ୍ୟମରେ ଏକ ହଜାର ପ୍ରଶିକ୍ଷିତ ଜୀବନରକ୍ଷକ ବା ଲାଇଫ୍ ଗାର୍ଡ ନିଯୁକ୍ତ କରାଯିବ । ଅଧିକ ଭିଡ଼ ପରିଲକ୍ଷିତ ହେଉଥିବା ସ୍ଥଳୀଗୁଡ଼ିକରେ ‘ଡେଷ୍ଟିନେସନ୍ ମ୍ୟାନେଜର୍’ ମଧ୍ୟ ନିଯୁକ୍ତ ହେବେ ବୋଲି ସେ ସ୍ୱଷ୍ଟ କରିଛନ୍ତି । ରାଜ୍ୟବାସୀଙ୍କୁ ଆବାହନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର ‘ଅତିଥି ଦେବୋ ଭବଃ’ ଅନୁଯାୟୀ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକ ଓ ଭକ୍ତମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ପଡ଼ିବ, ଯାହାଦ୍ୱାରା ସେମାନେ ହିଁ ଓଡ଼ିଶାର ପ୍ରକୃତ ବ୍ରାଣ୍ଡ ଆମ୍ବାସାଡର ହୋଇପାରିବେ । ଆଜିର ସୋସିଆଲ ମିଡିଆ ଯୁଗରେ ଗୋଟିଏ ବି ଅପ୍ରୀତିକର ପରିସ୍ଥିତି ବିଜୁଳି ବେଗରେ ଖେଳିଯାଉଥିବାରୁ ସମସ୍ତଙ୍କୁ ମିଳିମିଶି ଓଡ଼ିଶାର ସୁଖଦ ଅନୁଭୂତି ବିସ୍ତାର କରିବାକୁ ସେ ପରାମର୍ଶ ଦେଇଛନ୍ତି । ମରୁଭୂମିକୁ ବାଦ୍ ଦେଲେ ଭୂପୃଷ୍ଠର ସମସ୍ତ ପ୍ରକାର ପ୍ରାକୃତିକ ବିଭବ ଓ ସୌନ୍ଦର୍ଯ୍ୟ ଓଡ଼ିଶାମାଟିରେ ରହିଛି ବୋଲି ଗର୍ବର ସହ ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟମନ୍ଦିର ଭଳି ବିଶ୍ୱସ୍ତରୀୟ ଐତିହାସିକ ସ୍ମାରକ ସାଙ୍ଗକୁ ରାଜ୍ୟରେ ୫୭୫ କିଲୋମିଟର ଦୀର୍ଘ ପ୍ରାକୃତିକ ସମୁଦ୍ରତଟ, ଭିତରକନିକାର ବିଶ୍ୱପ୍ରସିଦ୍ଧ ମ୍ୟାଙ୍ଗ୍ରୋଭ୍ ଜଙ୍ଗଲ, ଏସିଆର ସର୍ବବୃହତ ଲୁଣିଆ ପାଣି ହ୍ରଦ ଚିଲିକା ଏବଂ ହୀରାକୁଦ ଜଳଭଣ୍ଡାର ରହିଛି ।

## ତୁର୍କୀରୁ କୁଖ୍ୟାତ ନିଶା ମାଫିଆର ପ୍ରତ୍ୟାର୍ପଣ ସମ୍ପୃକ୍ତ ଏଜେନ୍ସିକୁ ଅଭିନନ୍ଦନ ଜଣାଇଲେ ଅମିତ ଶାହ

ନୂଆଦିଲ୍ଲୀ : ତୁର୍କୀରୁ କୁଖ୍ୟାତ ନିଶାଦ୍ରବ୍ୟ ଚାଲାଣକାରୀ ମାଫିଆ ନବପ୍ରୀତ ସିଂହକୁ ଭାରତକୁ ଫେରାଇ ଆଣିବାରେ ଐତିହାସିକ ସଫଳତା ହାସଲ କରିଥିବାରୁ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ସମସ୍ତ ସମ୍ପୃକ୍ତ ଏଜେନ୍ସିଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ ରେ ଶ୍ରୀ ଶାହ ଲେଖିଛନ୍ତି, “ତୁର୍କୀରୁ କୁଖ୍ୟାତ ନିଶାଦ୍ରବ୍ୟ ଚୋରାଚାଲାଣକାରୀ ନବପ୍ରୀତ ସିଂହକୁ ଭାରତକୁ ଫେରାଇ ଆଣିବାରେ ମୋଦୀ ସରକାର ଐତିହାସିକ ସଫଳତା ହାସଲ କରିଛି । ‘ନବାବ ବିର୍କ’ ନାମକ ଜାଲ ପରିଚୟରେ ତୁର୍କୀର ନାଗରିକତା ହାସଲ କରି ସେ ଆଫଗାନିସ୍ତାନରୁ ଭାରତକୁ ହେରୋଇନ୍ ଓ ମେଥାମ୍ଫେଟାମିନ୍ ଚୋରାଚାଲାଣ ଜାରି ରଖିଥିଲା । ଆମର ଏଜେନ୍ସିଗୁଡ଼ିକ ତାକୁ ଟ୍ରାକ୍ କରିବା ସହ ତାର ପ୍ରକୃତ



ପରିଚୟକୁ ସାମ୍ନାକୁ ଆଣିବା ପାଇଁ ଗୋଟିଏ ପରେ ଗୋଟିଏ ପରଦା ହଟାଇଥିଲେ ଏବଂ ତାକୁ ଭାରତକୁ ଫେରାଇ ଆଣିବା ସୁନିଶ୍ଚିତ କରିଥିଲେ । ଆଜି ତାକୁ ଭାରତକୁ ଅଣାଯାଇଛି ଏବଂ ନିଶାଦ୍ରବ୍ୟ ଚୋରାଚାଲାଣ ସମେତ ଅନ୍ୟାନ୍ୟ ଅପରାଧିକ ମାମଲାରେ ତାକୁ ଜେଲ୍‌ରେ ରଖାଯାଇଛି । ଏହି ସଫଳତା ପାଇଁ ସମସ୍ତ ଏଜେନ୍ସିମାନଙ୍କୁ ଅଭିନନ୍ଦନ । ଡିସେମ୍ବର ୨୦୨୯ ସୁଦ୍ଧା ସବୁ ନିଶା ଚୋରାଚାଲାଣକାରୀ ସଂଗଠନକୁ ଧ୍ୱଂସ କରିବାକୁ ପ୍ରତିବଦ୍ଧ ।'' ପଳାତକ ଅପରାଧୀଙ୍କୁ ଆଣିବାକୁ ସରକାର ଏକ ସମନ୍ୱିତ ଅଭିଯାନ ଚଳାଇଛନ୍ତି । ୨୦୧୯ରୁ ଅଗଷ୍ଟ ୨୦୨୬ ମଧ୍ୟରେ ୩୬ଟି ଦେଶରୁ ମୋଟ ୨୮୮ ଜଣ ପଳାତକ ଅପରାଧୀଙ୍କୁ ଭାରତକୁ ଫେରାଇ ଆଣିବାରେ ସଫଳ ହୋଇଛନ୍ତି । ପୂର୍ବ ସରକାରଗୁଡ଼ିକ ପଳାତକ ଅପରାଧୀମାନଙ୍କୁ ଭାରତକୁ ଫେରାଇ ଆଣିବା ପାଇଁ ଆବଶ୍ୟକ ରାଜନୈତିକ ଇଚ୍ଛାଶକ୍ତି ଦେଖାଇନଥିଲେ । ମୋଦୀ ସରକାର ପଳାତକ ଅପରାଧୀମାନଙ୍କ ପ୍ରତ୍ୟର୍ପଣକୁ ‘ଜାତୀୟ ପ୍ରାଥମିକତା’ରେ ପରିଣତ କରିଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଚିନ୍ତାଧାରା ଅନୁସାରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅମିତ ଶାହ ପଳାତକ ଅପରାଧୀମାନଙ୍କ ବିରୋଧରେ ତିନିସୂତ୍ରୀ ରଣନୀତି ଉପରେ ଗୁରୁତ୍ୱ ଦେଇଛନ୍ତି । ଏହା ହେଉଛି— ବିଶ୍ୱସ୍ତରୀୟ ପହଂଚ, ଦୃଢ଼ ସମନ୍ୱୟ ଏବଂ ସ୍ମାର୍ଟ କୂଟନୀତି । ଶ୍ରୀ ଶାହ କହିଛନ୍ତି ଯେ ପଳାତକ ଅପରାଧୀମାନଙ୍କ ପ୍ରସଙ୍ଗ ଦେଶର ସାର୍ବଭୌମତ୍ୱ, ଅର୍ଥନୈତିକ ସ୍ଥିରତା, ଆଇନଶୃଙ୍ଖଳା ଏବଂ ଜାତୀୟ ସୁରକ୍ଷା ସହ ଅନ୍ତର୍ନିହିତ ଭାବେ ଜଡ଼ିତ ।

## ପଂଚମ କୌଟିଲ୍ୟ ଆର୍ଥିକ ସମ୍ମିଳନୀରେ ଉଦ୍‌ବୋଧନ ଦେଲେ ଡକ୍ଟର ପି.କେ. ମିଶ୍ର

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଆଜି ନୂଆଦିଲ୍ଲୀରେ ପଂଚମ କୌଟିଲ୍ୟ ଆର୍ଥିକ ସମ୍ମିଳନୀରେ ଉଦବୋଧନ ଦେଇଛନ୍ତି । ‘‘ଏ ୱାର୍ଲ୍ଡ ପ୍ରାଇସଡ୍ ଫର୍ ରିସ୍କ’’ ବା ବିପଦ ହିସାବରେ ବିଶ୍ୱରେ ମୂଲ୍ୟ ନିର୍ଦ୍ଧାରଣ- ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଅଧିବେଶନରେ ଡକ୍ଟର ମିଶ୍ର ବକ୍ତବ୍ୟ ରଖିଛନ୍ତି । ସେ ତାଙ୍କର ଉଦବୋଧନରେ ବିଶ୍ୱ ଅର୍ଥବ୍ୟବସ୍ଥାରେ ଅନିଶ୍ଚିତତା ବୃଦ୍ଧି ପାଇବା ପରିପ୍ରେକ୍ଷୀରେ ଦୃଢ଼ତା, ବିବିଧତା ଏବଂ ରଣନୀତିକ ପ୍ରସ୍ତୁତିର ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମତ ରଖିଛନ୍ତି । ଡକ୍ଟର ମିଶ୍ର କହିଥିଲେ, ଆର୍ଥିକ ବିପଦର ପ୍ରକୃତି ଉଲ୍ଲେଖନୀୟ ଭାବେ ବଦଳିଛି । ସମ୍ପ୍ରତି ବିଶ୍ୱ କେବଳ ସାଧାରଣ ଆକଳନଯୋଗ୍ୟ ବିପଦର ସାମ୍ନା କରୁନାହିଁ, ବରଂ ଏପରି ଅନିଶ୍ଚିତତାର ସାମ୍ନା କରୁଛି ଯାହାର ନିର୍ଦ୍ଦିଷ୍ଟ ସମ୍ଭାବନା ଉପରେ ଭରସା କରିହେବ ନାହିଁ । ମହାମାରୀ, ଭୂରାଜନୈତିକ ସଂଘର୍ଷ, ଯୋଗାଣ ଶୃଙ୍ଖଳ ବାଧା,



ବାଣିଜ୍ୟିକ କଟକଣା ଏବଂ ଦ୍ରୁତ ଗତିରେ ବଦଳୁଥିବା ପ୍ରଯୁକ୍ତିବିଦ୍ୟା ଏହି ସମସ୍ୟାକୁ ଅଧିକ ସ୍ୱଷ୍ଟ ରୂପେ ଉଜାଗର କରିଛି । ଡକ୍ଟର ମିଶ୍ର କହିଥିଲେ, ପ୍ରଯୁକ୍ତିବିଦ୍ୟା ଆସିବା ଫଳରେ ଭୂଗୋଳର ସ୍ଥିତି ଅପ୍ରାସଙ୍ଗିକ ହୋଇପଡ଼ିଛି ବୋଲି ଏକଦା ବିଚାର କରାଯାଉଥିଲା । ସମ୍ପ୍ରତି ଏହା ଆର୍ଥିକ ନିଷ୍ପତି ପ୍ରକ୍ରିୟାର କେନ୍ଦ୍ରକୁ ଚାଲିଆସିଛି । ଜାହାଜ ଚଳାଚଳ ମାର୍ଗରେ ପ୍ରତିବନ୍ଧକ ହଜାର ହଜାର କିଲୋମିଟର ଦୂରରେ ଇନ୍ଧନ ମୂଲ୍ୟକୁ ପ୍ରଭାବିତ କରିପାରେ । ଅନ୍ୟପଟେ ଗୋଟିଏ ଜାଗାରେ ଗୁରୁତ୍ୱପୂର୍ଣ୍ଣ ଖଣିଜକେନ୍ଦ୍ରୀତ ହେବା ଏବଂ ସେଗୁଡ଼ିକର ପ୍ରକ୍ରିୟାକରଣ ନୂଆ ବିପଦ ସୃଷ୍ଟି କରିଛି । ସେହିପରି ସ୍ୱଚ୍ଛ ଶକ୍ତି ଦିଗରେ ପରିବର୍ତ୍ତନ ମଧ୍ୟ ନୂଆ ପ୍ରକାରର ରଣନୀତିକ ନିର୍ଭରଶୀଳତା ଆଣିଛି ଯାହାର ସମାଧାନ କରିବା ଅତ୍ୟନ୍ତ ଜରୁରି ହୋଇପଡ଼ିଛି । ଡକ୍ଟର ମିଶ୍ର କହିଥିଲେ, ଅନିଶ୍ଚିତତା ଆର୍ଥିକ ଆଚରଣରେ ପରିବର୍ତ୍ତନ ଆଣିଛି । ଫାର୍ମଗୁଡ଼ିକ ଭିନ୍ନ ଭିନ୍ନ ଯୋଗାଣକାରୀଙ୍କ ଉପରେ ନିର୍ଭର କରୁଛନ୍ତି, ମହଜୁଦ ସାମଗ୍ରୀର ହିସାବ ବଜାୟ ରଖୁଛନ୍ତି ଏବଂ ବିକଳ୍ପ ଉତ୍ପାଦନ କ୍ଷମତା ବିକଶିତ କରୁଛନ୍ତି । ଅନ୍ୟପଟେ ସରକାର ଭଣ୍ଡାର, ବିତୀୟ ସଂଚୟ ଏବଂ ରଣନୀତିକ କ୍ଷମତାକୁ ମଜବୁତ କରୁଛନ୍ତି । ଦୃଢ଼ତା ମାଗଣାରେ ଆସେ ନାହିଁ । ତେବେ ମୁଖ୍ୟ ଆର୍ଥିକ ପ୍ରଶ୍ନ ହେଉଛି, ସମ୍ଭାବ୍ୟ ବ୍ୟାଘାତକୁ ଏଡ଼ାଇବା ଲାଗି ଦୃଢ଼ତା ବଜାୟ ରଖିବା ନିମନ୍ତେ ଦିଆଯାଉଥିବା ପ୍ରିମିୟମ ବା ଅତିରିକ୍ତ ମୂଲ୍ୟ ଯଥାର୍ଥ କି ବୋଲି ଡକ୍ଟର ମିଶ୍ର ପ୍ରଶ୍ନ କରିଥିଲେ । ସେ କହିଥିଲେ, ସାରା ବିଶ୍ୱରେ ଯେଉଁ ପ୍ରତିକ୍ରିୟା ବର୍ତ୍ତମାନ ଦେଖିବାକୁ ମିଳୁଛି ତାହାକୁ ଜଗତିକରଣ ଠାରୁ ପଛଘୁଂଚା ବୋଲି କୁହାଯାଇପାରିବ ନାହିଁ, ବରଂ ଅଧିକ ଅସ୍ଥିର ବିଶ୍ୱରେ ଏହାକୁ କିଭଳି ପୁଣିଥରେ ବ୍ୟବସ୍ଥିତ କରାଯାଇପାରିବ ସେଥିପାଇଁ ଚିନ୍ତା କରିବା ଲାଗି ସୁଯୋଗ ଆସିଛି ।




# ୧୩ଗୋରୁ ଉଦ୍ଧାର, ପିକଅପ୍ ଗାଡ଼ି ଜବତ, ଡ୍ରାଇଭର ଫେରାର

ଧାମନଗର(ନିପ୍ର): ଧାମନଗର ଥାନା ନିକଟସ୍ତ କସା ବସ୍ତି ଅଂଚଳରୁ ୧୩ ଟି ଗୋରୁ ଉଦ୍ଧାର କରିବା ସହ ଏକ ପିକଅପ ଗାଡ଼ିକୁ ଜବତ କରିଛି ଧାମନଗର ପୁଲିସ । ସୂଚନା ଅନୁଯାୟୀ ଗତକାଲି ବିଳମ୍ବ ରାତିରେ ବିଶେଷ ସୂତ୍ରରୁ ଖବର ପାଇ ଧାମନଗର ପୁଲିସ ସେଠାରେ ଚଢ଼ାଉ କରିଥିଲା । ପୁଲିସ ଚଢ଼ାଉ ସମୟରେ ଗାଡ଼ିରେ ଥିବା ୧୩ ଟି ଗୋରୁକୁ ଉଦ୍ଧାର କରାଯାଇଥିବା ବେଳେ ପିକଅପ ଗାଡ଼ିଟିକୁ ଜବତ କରାଯାଇଛି । ତେବେ ପୁଲିସକୁ ଦେଖି ଗାଡ଼ିର ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ଜଣାପଡ଼ିଛି । ଜବତ ପିକଅପ ଗାଡ଼ିଟି କେଉଁଠାକୁ ଯାଉଥିଲା ଏବଂ ଗୋରୁ ଗୁଡ଼ିକୁ କେଉଁଠାରୁ ଅଣାଯାଇ ଥିଲା, ସେନେଇ ପୁଲିସ ତଦନ୍ତ ଆରମ୍ଭ କରିଛି । ଫେରାର ଡ୍ରାଇଭର କୁ ଧରିବା ପାଇଁ ପୁଲିସ ପକ୍ଷରୁ ତନାଘନା ଜାରି ରହିଛି । ପରେ ଧାମନଗର ଗୋଷ୍ଠି ପଶୁ ଚିକିତ୍ସା ଅଧିକାରୀଣୀ ଓ ଟିମ ପହଂଚି ଗୋରୁ କୁ ଚିକିତ୍ସା କରା ଯାଇଥିବା ଦେଖିବା ପାଇଁ ମିଳିଛି । ତେବେ ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ପୁଲିସ ତଦନ୍ତ କରୁଛି । ସୂଚନା ଥାଉକି ଧାମନଗର ଥାନା ଅଂଚଳ ରୁ ଅନେକ ଥର ଏପରି ନୃଶଂସ ଭାବରେ ଗୋରୁ ଗୁଡ଼ିକୁ ଚାଲାଣ କରା ଯାଉଛି । ତେବେ ଗୋ ସେବକ ହେଉ କି ପୋଲିସ ହେଉ ସେମାନଙ୍କ ଦ୍ୱାରା ଗୋରୁ ଗାଡ଼ି ଜବତ ହେଉଚି ହେଲେ ୫ ଦିନ ସନ୍ଧ୍ୟାରେ ଗାଡି ଗୁଡିକ ରିଲିଜ୍ ହେଉଛି । ଦିଗରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବିହେଉଛି ।

# ୪୯୩ ପଂଚାୟତରେ ସ୍ୱତନ୍ତ୍ର ଗ୍ରାମସଭା, ଗ୍ରାମୀଣ ବିକାଶରେ ଜନସାଧାରଣଙ୍କ ଭାଗିଦାରି ବୃଦ୍ଧି ମୁଖ୍ୟ ଲକ୍ଷ୍ୟ

ବ୍ରହ୍ମପୁର/ଛତ୍ରପୁର(ନିପ୍ର): ଗଞ୍ଜାମ ଜିଲାର ୪୯୩ଟି ଗ୍ରାମ ପଂଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ମହାତ୍ମାଗାନ୍ଧୀଙ୍କ ଗ୍ରାମ ସ୍ୱରାଜର ସ୍ୱପ୍ନକୁ ସାକାର କରିବା ସହ ଗ୍ରାମୀଣ ବିକାଶ ପ୍ରକ୍ରିୟାରେ ସାଧାରଣ ଲୋକଙ୍କ ଭାଗିଦାରି ବଢ଼ାଇବା ଏହି ସ୍ୱତନ୍ତ୍ର ଗ୍ରାମସଭାର ମୁଖ୍ୟ ଉଦ୍ଦେଶ୍ୟ । ଗ୍ରାମସଭାରେ ପଂଚାୟତ ପ୍ରତିନିଧି, ସରକାରୀ କର୍ମଚାରୀ, ଯୁବକ ସଂଘର ସଦସ୍ୟ ଓ ଗ୍ରାମବାସୀ ଯୋଗଦେଇ ଗ୍ରାମର ମୌଳିକ ସମସ୍ୟା, ପଂଚାୟତ ବିକାଶ ଯୋଜନା, ରାସ୍ତାଘାଟ, ସ୍ୱଚ୍ଛତା, ପରିବେଶ ସୁରକ୍ଷା, ସାମାଜିକ ସୁରକ୍ଷା ଓ ଶିକ୍ଷା ଆଦି ବିଭିନ୍ନ ବିଷୟ ଉପରେ



ଆଲୋଚନା କରିଥିଲେ । ଏହି ଅବସରରେ ଛତ୍ରପୁର ବ୍ଲକ ଚମାଖଣ୍ଡି ପଂଚାୟତରେ ଆୟୋଜିତ ସ୍ୱତନ୍ତ୍ର ଗ୍ରାମସଭାରେ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା ଓ ବିଡିଓ ସମ୍ପିତ ସଂଗ୍ରାମଜିତ ସାହୁ ଯୋଗଦେଇ ଗ୍ରାମସଭାର ଉଦ୍ଦେଶ୍ୟ ଓ ଗ୍ରାମୀଣ ବିକାଶରେ ଏହାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଆଗାମୀ ଦିନରେ ଚମାଖଣ୍ଡି ପଂଚାୟତ ସମେତ ଜିଲାର ସମସ୍ତ ପଂଚାୟତକୁ ଶିଶୁ ଶ୍ରମିକମୁକ୍ତ ପଂଚାୟତରେ ପରିଣତ କରିବା ଲକ୍ଷ୍ୟ ରଖାଯାଇଥିବା ଅବସରରେ କୁହାଯାଇଥିଲା । ଏଥିସହ ପ୍ରଶାସନିକ ସଂସ୍କାର, ସ୍ୱଚ୍ଛତା ଓ ଜନସାଧାରଣଙ୍କୁ ସରକାରୀ ସେବାକୁ ଅଧିକ ସହଜ ଓ ସୁଗମ କରିବା ଦିଗରେ ଚାଲିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା । ଗ୍ରାମର ସାମଗ୍ରିକ ବିକାଶ ପାଇଁ ଗ୍ରାମସଭା ଏକ ପ୍ରଭାବଶାଳୀ ମଂଚ ଭାବେ କାର୍ଯ୍ୟ କରିବ ବୋଲି ମତପ୍ରକାଶ ପାଇଥିଲା ।

# ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଯୁବକ ଗିରଫ

ବ୍ରହ୍ମପୁର(ନିପ୍ର): ଜଣେ ନାବାଳିକାଙ୍କୁ ଅପହରଣ କରି ଦୁଷ୍କର୍ମ କରିଥିବା ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଂଚଳର କପିଳାସ ବେହେରା ଓରଫ ରାଜା (୨୪) । ପୁଲିସ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ପରୀକ୍ଷା କରାଇଛି । ପୁଲିସ ସୂଚନା ଅନୁସାରେ, ସଦର ଥାନା ଅଂଚଳର ଜଣେ ନାବାଳିକା ନିଖୋଜ ହୋଇଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ତଦନ୍ତ ବେଳେ କପିଳାସ ନାବାଳିକାଙ୍କୁ ନେଇଯାଇଥିବା ପୁଲିସ ଜାଣିବାକୁ ପାଇଥିଲା । ଏହାପରେ ତାଙ୍କ ମୋବାଇଲ ଟ୍ରାକିଂ କରି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା । ଶେଷରେ ନାବାଳିକାଙ୍କୁ ଉଦ୍ଧାର କରିବା ସହ କପିଳାସଙ୍କୁ କାବୁ କରି ଥାନାକୁ ଅଣାଯାଇଥିଲା । ଉଦ୍ଧାର ପରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିଲା । ତାଙ୍କ ବୟାନ ଅନୁସାରେ, ଅଭିଯୁକ୍ତ ତାଙ୍କ ସହ ଏକାଧିକ ଥର ଦୁଷ୍କର୍ମ କରିଥିବା ଅଭିଯୋଗ ସାମ୍ନାକୁ ଆସିଥିଲା । ପ୍ରାଥମିକ ତଦନ୍ତ ଓ ନାବାଳିକାଙ୍କ ବୟାନକୁ ଆଧାର କରି ପୁଲିସ କପିଳାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି ।

# ଅଙ୍ଗଦାନ ସଚେତନା ଶିବିର

ଜଳେଶ୍ୱର(ନିପ୍ର): ସେବା ସଂକଳ୍ପ ଅଭିଯାନ ଅବସରରେ ଓଡିଶା ଅକ୍ଷମ କଲ୍ୟାଣ ସମାଜ, ନନ୍ଦିକା, ଜଳେଶ୍ୱର ତରଫରୁ ମାସ ଉଚ୍ଚ ମାଧମିକ ବିଦ୍ୟାଳୟ, ନୂଆ ବଜାର ପରିସରରେ ଉକ୍ତ ବିଦ୍ୟାଳୟ ର ଅଧକ୍ଷ ଆଦିକନ୍ଦ ଦାସ ଅଧିକାରୀଙ୍କ ଅଧକ୍ଷତାରେ ଅଙ୍ଗାଦାନ ସମ୍ପର୍କିତ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନ ତରଫରୁ ସାଧାରଣ ସମ୍ପାଦକ ତଥା ନିର୍ଦ୍ଦେଶକ ଯୁଗଳ କିଶୋର ପ୍ରଧାନ, ବରିଷ୍ଠ ସଦସ୍ୟ କମଳ ଚକ୍ରବର୍ତ୍ତୀ, ଦିଲ୍ଲୀପ କୁମାର ଗିରି, ପ୍ରଧାନ ଶିକ୍ଷକ ଆଇଜାକ ପରିଡା, ମାସ ବିଦ୍ୟାଳୟ ର ଶୈକ୍ଷିକ ମୁଖ୍ୟ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାକୃତ ଅଙ୍ଗଦାନ ର ମହତ୍ୱ, ଆବଶ୍ୟକତା, ଓ ମହାନତା, ସମ୍ପର୍କ ରେ ଉପସ୍ଥିତ ସ୍ୱେଚ୍ଛାସେବୀ ମାନଙ୍କୁ ସଚେତନ କରାଇ ଥିଲେ । ପରିଶେଷରେ ଉପସଭାପତି ସହଦ୍ଵେ ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନୁଷ୍ଠାନ ର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

# କାଳୀ ଓ ହନୁମାନ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ କଲେ ମାନ୍ୟବର ବିଧାୟକ

ଝାରସୁଗୁଡ଼ା(ନିପ୍ର): ଝାରସୁଗୁଡ଼ା ପୌରପରିଷଦ ଅନ୍ତର୍ଗତ ୫ ନମ୍ବର ୱାର୍ଡର କବରସ୍ଥାନ ପଡ଼ାରେ ଥିବା ଐତିହାସିକ କାଳୀ ମନ୍ଦିର ଏବଂ ହନୁମାନ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ଶନିବାର ଶୁଭାରମ୍ଭ ହୋଇଛି । ଝାରସୁଗୁଡ଼ା ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି । ଉଭୟ



ମନ୍ଦିରର ଉନ୍ନତିକରଣ ତଥା ପୁନରୁଦ୍ଧାର ପାଇଁ ବିଧାୟକ ପାଣ୍ଠିରୁ ମନ୍ଦିର ପିଛା ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ (ମୋଟ ୫ ଲକ୍ଷ ଟଙ୍କା) ମଞ୍ଜୁର କରାଯାଇଛି । ଏହି କାର୍ଯ୍ୟକୁ ଝାରସୁଗୁଡ଼ା ସଦର ବ୍ଲକ୍ ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ କରାଯିବ । ଏହି ଅବସରରେ ବିଧାୟକ ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି ଯେ, ସ୍ଥାନୀୟ ଅଂଚଳରେ ଧାର୍ମିକ, ସାଂସ୍କୃତିକ ତଥା ସାମାଜିକ ଭିତିଭୂମିର ବିକାଶ ପାଇଁ ସମସ୍ତ ପ୍ରକାର ଆବଶ୍ୟକୀୟ ସହଯୋଗ ଯୋଗାଇ ଦିଆଯିବ । ଏହାସହ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ଓ ସାମଗ୍ରିକ ବିକାଶକୁ ପ୍ରାଥମିକତା ଦିଆଯାଇ ନିରନ୍ତର କାର୍ଯ୍ୟ ଜାରି ରହିବ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଡିଓ ଅନିଲ ଆଚାର୍ଯ୍ୟ, କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ, ମଣ୍ଡଳ ସଭାପତି ଅରବିନ୍ଦ ପାଠକ, ସାଧାରଣ ସମ୍ପାଦକ କ୍ଲେମେଂଟ ରୋନାଲ୍ଡ, ମନବୋଧ ସେନ୍ଧରିଆ ଏବଂ ଦିଲୀପ ସାହାଙ୍କ ସମେତ ସ୍ଥାନୀୟ କର୍ମକର୍ତା ଓ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

# ରେଡିଓ ବାଘାଯତୀନର ବାର୍ଷିକ ଉତ୍ସବ

ଉଦଳା(ନିପ୍ର): କମ୍ୟୁନିଟି ରେଡିଓ ଷ୍ଟେସନ ରେଡିଓ ବାଘାଯତିନ୍‌ର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦଳା ଏନ୍‌ଏସି ଅନ୍ତର୍ଗତ ସନ୍ଧାନ ଗୃହ ପରିସରରେ ଆୟୋଜିତ ଏହି ସ୍ୱନକ୍ଷତ୍ର ଉତ୍ସବରେ ବହୁ ବିଶିଷ୍ଟ କଳାକାର, ସାହିତ୍ୟିକ, ଶିକ୍ଷାବିତ୍, ସମାଜସେବୀ, ରେଡିଓ ଶ୍ରୋତା ଯୋଗଦେଇଥିଲେ । ବିଶିଷ୍ଟ ସାହିତ୍ୟିକ ତଥା ବରିଷ୍ଠ ଶିକ୍ଷାବିତ୍ ଡ. ଦିଲ୍ଲୀପ୍ ଦୀକ୍ଷିତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଅଧକ୍ଷା ପ୍ରମିଳା ପଣ୍ଡା, ବିଶିଷ୍ଟ ଅତିଥି ଉପଖଣ୍ଡ ପୋଲିସ୍ ଅଧିକାରୀ ଗୋକୁଳାନନ୍ଦ ସାହୁ, ବିଶିଷ୍ଟ ଶିକ୍ଷାବିତ୍ ପ୍ରଫୁଲ୍ଲ ମହାଳିକ, ଅବସରପ୍ରାପ୍ତ କୃଷି ନିର୍ଦ୍ଦେଶକ ତଥା ରେଡିଓ ବାଘାଯତିନର ସଭାପତି ପରେଶ ଚନ୍ଦ୍ର ସାହୁ, ପ୍ରାକ୍ତନ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସରୋଜ



ମହାପାତ୍ର, ରେଡିଓ ବାଘାଯତିନ୍ ଗୋଷ୍ଠୀ ବେତାର କେନ୍ଦ୍ର ନିର୍ଦ୍ଦେଶିକା ମିନତୀ ବିନ୍ଧାଣି, ମୁଖ୍ୟବକ୍ତା ଭାବେ ଆକାଶବାଣୀ ବାରିପଦାର ଉଦଘୋଷକ ସତ୍ୟାନନ୍ଦ ଶେଜପଡା, ଶିକ୍ଷକ ସନ୍ତୋଷ ସାହୁ, ଇଂ ସୁଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ । କଳା, ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ସହ ଶିକ୍ଷା, ସୂଚନା ଓ ମନୋରଞ୍ଜନର ମାଧମ ପାଲଟିଥିବା ରେଡିଓ ଡିଜିଟାଲ ଯୁଗରେ ମଧ ଆଜିବି ତା'ର ମୋଳିକତା ଏବଂ ସ୍ୱତନ୍ତ୍ରତା ବଜାୟ ରଖିବା ସହ ସଚେତନତାର ବାର୍ତା ପ୍ରଚାର କରିଆସୁଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବିଜୟ କମିଳା, ରୋଜାଲିନ୍ ବୀର୍ର ଭାବ୍ୟାଶ୍ରୀ ଖିଲାର, ଭୋଳାନାଥ ସାହୁ, ରାଜଲକ୍ଷ୍ମୀ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ନାଗରିକ ସଂଘ ଉଦଳା, ବସ୍ ମାଲିକ ସଂଘ ଉଦଳା, କପ୍ତିପଦା ବରିଷ୍ଠ ନାଗରିକ ସଂଘ, ବଡାମପଦା ମହିଳା ସଂକୀର୍ତନ ମଣ୍ଡଳୀ, ବରିଷ୍ଠ ରେଡିଓ ଶ୍ରୋତା ସନାତନ ଦଣ୍ଡପାଟ ଏବଂ ବେହେରାସାହି ବରିଷ୍ଠ ନାଗରିକ ସଂଘକୁ ଶ୍ରେଷ୍ଠ ଶ୍ରୋତା ଭାବେ ରେଡିଓ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଇଂଟର୍ନସିପ୍ କାର୍ଯ୍ୟକ୍ରମରେ ଭାଗନେଇଥିବା ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଛାତ୍ରୀ ନନ୍ଦିନୀ ଗୁପ୍ତା, ପାନ ହେମ୍ବ୍ରମ୍, ସୁମି ହେମ୍ବ୍ରମ୍, ଜାନକୀ ମୁର୍ମୁ, ଗୀତା ବେସ୍ରା, ଶାନ୍ତି ବଦ୍ରା, ସୁନନ୍ଦା ସେନାପତିଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ରେଡିଓ ବାଘାଯତିନର ଉପସ୍ଥାପକ ଦେବେନ୍ଦ୍ର ରାଉଳ ଏବଂ ଆଶିଷ କୁମାର ମଲ୍ଲିକ ସଭାମଂଚ ପରିଚାଳନା କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ସୁବ୍ରତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଆକାଶ ମହାନ୍ତ, ପ୍ରଦୀପ ବେହେରା, ଚମ୍ପାବତୀ ହାଁସଦା, ମୌସୁମୀ ଟୁଡୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ତେରାପନ୍ଥ ସାଧୁଙ୍କ ହସ୍ତକଳା ପ୍ରଦର୍ଶନୀ

କଟକ(ନିପ୍ର): ତେରାପନ୍ଥ ସମ୍ପ୍ରଦାୟର ସାଧୁମାନଙ୍କ ଦ୍ୱାରା ସୃଷ୍ଟ ବିଭିନ୍ନ ହସ୍ତକଳା, ଚିତ୍ରକଳା, ସୁଲେଖନ, ହସ୍ତଲିଖନ କଳା ଓ ପ୍ରେରଣାଦାୟକ ସାମଗ୍ରୀକୁ ନେଇ ପ୍ରଥମଥର ପାଇଁ କଟକରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜିତ ହେବାକୁ ଯାଉଅଛି । ଆସନ୍ତା ଅକ୍ଟୋବର ୨ରୁ ୪ ତାରିଖ ପର୍ଯ୍ୟନ୍ତ କାଠଗଡ଼ା ସାହିସ୍ଥିତ ତେରାପନ୍ଥ ଭବନରେ ଏହି ପ୍ରଦର୍ଶନୀ ଅନୁଷ୍ଠିତ ହେବ ବୋଲି । ତେରାପନ୍ଥ ମହିଳା ମଣ୍ଡଳ ସଭାପତି ଶ୍ରୀମତୀ ସୁନୀତା ବେଙ୍ଗାନୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ସୂଚନା ଅନୁଯାୟୀ, ମୁନି ମୋହଜିତ କୁମାର, ମୁନି ଭବ୍ୟକୁମାର ଜୀ ଓ ମୁନି ଜୟେଶ କୁମାର ଜୀଙ୍କ ମାର୍ଗଦର୍ଶନରେ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଛି । ପ୍ରଦର୍ଶନୀରେ ସାଧୁ ମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ହସ୍ତକଳା ସାମଗ୍ରୀ, ସୂକ୍ଷ୍ମ କାଗଜ କଳା, ପିତଳ ପତ୍ର ଖୋଦେଇ, କାଠକାମ ସହ ତେରାପନ୍ଥର ପ୍ରଥମ ଆଚାର୍ଯ୍ୟଙ୍କ ସମୟରୁ ବର୍ତ୍ତମାନ ଆଚାର୍ଯ୍ୟଙ୍କ ପର୍ଯ୍ୟନ୍ତ ପ୍ରାୟ ୨୫୦ବର୍ଷର ପୁରୁଣା ହସ୍ତଲିଖିତ ଦଲିଲ ଓ ଲେଖନ କଳା ପ୍ରଦର୍ଶିତ ହେବ । ଏଥିରେ ସୃଜନଶୀଳତା, ମୌଳିକତା, କଳାର ବିକାଶ, ନୈସର୍ଗିକ ସୌନ୍ଦର୍ଯ୍ୟ, କୌଶଳ, ସରଳତା ଏବଂ କାରିଗରୀ ଦକ୍ଷତାର ଅନନ୍ୟ ସମନ୍ୱୟ ଏହି ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ହେବାକୁ ଯାଉଅଛି । ଜୀବନ ସହ ଜଡ଼ିତ ବିଭିନ୍ନ ଘଟଣା ଓ ବିଷୟବସ୍ତୁକୁ କଳାତ୍ମକ ଢଙ୍ଗରେ ଉପସ୍ଥାପନ କରାଯିବ । ଏହା ନୂଆ ପିଢ଼ି ଓ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଏହି ବିରଳ କଳାକୃତି ସମ୍ପର୍କରେ ଜାଣିବା ସହ କଳା ପ୍ରତି ନୂଆ ଦୃଷ୍ଟିକୋଣ ବିକଶିତ କରିବାର ସୁଯୋଗ ଦେବ । ଅକ୍ଟୋବର ୨ ତାରିଖ ସକାଳ ୮ଟା ୩୦ରେ ପ୍ରଦର୍ଶନୀର ଉଦ୍ ?ଘାଟନ ସମାରୋହ ଅନୁଷ୍ଠିତ ହେବ । ସାଧାରଣ ଦର୍ଶକଙ୍କ ପାଇଁ ପ୍ରଦର୍ଶନୀ ସକାଳ ୧୦ଟାରୁ ଦ୍ୱିପ୍ରହର ୧୨ଟା, ଦ୍ୱିପ୍ରହର ୨ଟାରୁ ୪ଟା ଏବଂ ସନ୍ଧ୍ୟା ୭ଟା ୩୦ରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ ଅନୁଷ୍ଠାନ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୁଚନା ଦିଆଯାଇଛି ।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ବ୍ରହ୍ମପୁର(ନିପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଉପଖଣ୍ଡ ପ୍ରଶାସନ ତରଫରୁ ବରିଷ୍ଠ ନାଗରିକ ଦିବସ -୨୦୨୬ ପାଳନ ହୋଇଛି । ଏଥି ନିମନ୍ତେ ହିଲ୍ ପାଟନା ସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା କ୍ଷ ଏଥିରେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରାଙ୍କ ସହ ସମ୍ମାନିତ ଅତିଥି ଡେପୁଟି କଲେକ୍ଟର ସୁବ୍ରତ ଶତପଥୀ ଏବଂ ମୁଖ୍ୟବକ୍ତା ଭାବେ ସୁରେଶ ଚନ୍ଦ୍ର ମିଶ୍ର ନିଜ ନିଜର ବକ୍ତବ୍ୟ ରଖିଥିଲେ । ସମାଜରେ ବୟସ୍କ ବ୍ୟକ୍ତିମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପ୍ରତି କୃତଜ୍ଞତା ପ୍ରକାଶ ପୂର୍ବକ ସ୍ତୁତିଚାରଣ ତଥା ସମ୍ମାନ ପ୍ରଦର୍ଶନ ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ଉକ୍ତ ଦିବସ ପାଳନର ଉଦ୍ଦେଶ୍ୟ । ଉପଖଣ୍ଡ ପ୍ରଶାସନ ପକ୍ଷରୁ ପାଳିତ ଏହି ଦିବସରେ ଯୋଗ ପ୍ରାଣାୟମ, ସ୍ୱାସ୍ଥ୍ୟ ଶିବିର ସହ 'ଏକ୍ ପେଡ୍ ମା' କି ନାମ' ଅନ୍ତର୍ଗତ ଚାରାରୋପଣ ଆଦି କାର୍ଯ୍ୟକ୍ରମ ସଂପନ୍ନ ହୋଇଥିଲା । ଗଞ୍ଜାମ ଜିଲ୍ଲାରେ ଥିବା ବିଭିନ୍ନ ବରିଷ୍ଠ ନାଗରିକ ମଂଚର ସଭାପତି ଏବଂ ସଂପାଦକଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ରେଡକ୍ରସ ଦୃଷ୍ଟିହୀନ ବିଦ୍ୟାଳୟ, ଆମ୍ଭପୁଆର ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା । ବରିଷ୍ଠ ନାଗରିକ ପ୍ରଫେସର ଭାସ୍କର ପାଢ଼ୀ, ନବୀନ ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ଦାସ, ସୂର୍ଯ୍ୟକାନ୍ତ ପାତ୍ର, ଶ୍ରୀବତ୍ସ ପ୍ରଧାନ, ଟି. ନରେନ୍ଦ୍ର ପ୍ରସାଦ ଦାସ, କେ. ରତ୍ନମାଳା ପାତ୍ର, କେ.ଟି.ସୁବୁଦ୍ଧି ମହାଭାଗଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଛାତ୍ରଛାତ୍ରୀ ମାନଙ୍କ ମଧରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବରିଷ୍ଠ ନାଗରିକଙ୍କ ସହ ଏଚ୍.କେ.ଆର.ସି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମଟି ସଫଳତାର ସହ ସଂପନ୍ନ ହୋଇଥିବାରୁ ନିମନ୍ତ୍ରିତ ଅତିଥି ଏବଂ ଉପସ୍ଥିତ ସଭିଙ୍କୁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାହେବଜାଦା ବଜାର ପୂଜା କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

କଟକ(ନିପ୍ର): ଶ୍ରୀ ଶ୍ରୀମଦ୍ ଭାଗବତ ଗାଦି, ଗଣେଶଘାଟ ସ୍ଥିତ ସାହେଜାଦା ପୂଜା କମିଟିର ସଦସ୍ୟ ଓ ଯୁବକ ସଂଘର କର୍ମକର୍ତାମାନେ ଚଳିତ ବର୍ଷ ଏକ ଚାନ୍ଦିମେଢ଼ର ପ୍ରସ୍ତୁତି ଏବଂ ଉନ୍ମୋଚନ ପରିପ୍ରେକ୍ଷୀରେ ସାମ୍ବାଦିକ ସମ୍ମିଳନୀ କରାଯାଇ ଥିଲା ଓ ଶ୍ରୀ ଭାଗବତ ଗୋସାଇଁ ଓ ଗ୍ରାମଦେବୀ ମା ହରଚଣ୍ଡୀଙ୍କ ଅପାର କରୁଣାରୁ ପ୍ରଥମ କରି ଚାନ୍ଦିମେଢର ଆୟୋଜନ ହେଉଛି । ଆସନ୍ତା ପଂଚମୀ ତିଥି ତା ୧୫.୧୦.୨୬ରିଖ ଗୁରୁବାର ଦିନ ଗାଦିଛକସ୍ଥିତ ପୂଜା ମଣ୍ଡପରେ ଶୁଭ ଉଦ୍‌ଘାଟନ ଅପରାହ୍ନ ୪ ଘଂଟା ସମୟରେ ଅନୁଷ୍ଠିତ ହେବ । କେତେ ଗୁଡ଼ିଏ ସାହି ଏହି ପୂଜା ମଣ୍ଡପ ସହିତ




ସଂଯୋଗ । ଗଣେଶ ଘାଟ, ସାହେବଜାଦା ବାଜାର, ରମାନାଥ ଲେନ, ଭାଷାକୋଷ ଲେନ୍ ପ୍ରଭୃତି ଅଂଚଳ ଏହି ପୂଜା କମିଟି ସହିତ ଯୋଡ଼ି ହୋଇ ରହିଛି ହୋଇଛି । ଚାନ୍ଦି ମେଢ଼ଟି ପାଖାପାଖି ଏକ ଶହ ଅଶି କି.ଗ୍ରା ଚାନ୍ଦିରେ ନିର୍ମାଣ କରାଯାଇଛି । ଏହାର ଡିଜାଇନ୍ ସୂର୍ଯ୍ୟ ନାରାୟଣ ପରିଡା କରିଥିବାବେଳେ ଏହାର ନିର୍ମାଣ ସୁନାମଧନ୍ୟ ତଥା ଅଭିଜ୍ଞ ଓ ବରିଷ୍ଠ ଚାନ୍ଦି କାରିଗର ବିଶ୍ୱନାଥ ଦେ, ଅଜୟ ଦେ, ବିଜୟ ଦେ ଏବଂ ତାଙ୍କ ସହକର୍ମୀ ମାନେ କରିଛନ୍ତି । ସାହିର ବସବାସ କରୁଥିବା ପ୍ରତ୍ୟେକ ବାସିନ୍ଦା, ବ୍ୟବସାୟ କରୁଥିବା ବ୍ୟବସାୟୀ ଭାଇମାନଙ୍କ ସ୍ୱଇଛା ତଥା ମୁକ୍ତହସ୍ତ ଦାନରେ ଏହି ଚାନ୍ଦିମେଢ ନିର୍ମାଣ କାର୍ଯ୍ୟ ସଫଳ ରୂପାୟନ ହୋଇ ପାରିଛି । କମିଟିର ସଭାପତି ସୌର୍ଯ୍ୟକାନ୍ତ ପାଢ଼ୀ, କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ଚୌଧୁରୀ କାହ୍ନୁ ଚରଣ ବେହେରା, ସମ୍ପାଦକ ଲକ୍ଷ୍ମୀଧର ବେହେରା, ମନୋରଞ୍ଜନ ପଶାୟତ, ଯୁବକ ସଂଘ ସଭାପତି ରମେଶ ଚନ୍ଦ୍ର ବେହେରା, କୋଷାଧକ୍ଷ ଅକ୍ଷୟ କୁମାର ସାହୁ, କର୍ପୋରେଟର ଲକ୍ଷ୍ମୀଧର ସାହୁ, ଦେବାଶିଷ ମହାପାତ୍ର, ଉପଦେଷ୍ଟା ଶୟଦ୍ ଏକ୍ରାମ ହୁସେନ, ଗୋପବନ୍ଧୁ ବେହେରା ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ହୋଇ ସୂଚନା ପ୍ରଦାନ କରିଥିଲେ ।





ସାହସର ସହିତ ଜୀବନର ସମ୍ମୁଖୀନ ହୁଅ । ତୁମ ପାଇଁ ଏକ ଗୌରବମୟ ଭବିଷ୍ୟତ ଅପେକ୍ଷା କରି ରହିଛି ।

# ଆଜିକାଲି




ଅଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ କର୍ମଯୋଗ ଆଚରଣ କରନ୍ତି ସେ ଶ୍ରେଷ୍ଠ ଅଟନ୍ତି

## ସୁଜଳର ଶୁଭାରମ୍ଭ

ଜଳ ହିଁ ଜୀବନ । ସୁସ୍ଥ ଜୀବନ ପାଇଁ ଜଳ ଅପରିହାର୍ଯ୍ୟ । ଏହାକୁ ଦୃଷ୍ଟିରେ ରଖି ଜଳ ସଂରକ୍ଷଣ, ବିଶୁଦ୍ଧ ପାନୀୟ ଜଳର ବ୍ୟବହାର ଏବଂ ଜଳବାହିତାରୋଗ ପ୍ରତିରୋଧ ସଂପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୃଜନ ଅଭିଯାନର ଶୁଭାରମ୍ଭ କରାଯାଇଛି । ଅକ୍ଟୋବର ୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ଅଭିଯାନ ଚାଲିବ । ୱାଟକୋ ଦ୍ୱାରା ଆୟୋଜିତ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜଳର ଅପଚୟ ରୋକିବା, ଉପଲବ୍ଧ ଜଳସମ୍ପଦର ସୁରକ୍ଷା କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଜଳର ସମ୍ପଦକୁ ସୁରକ୍ଷିତ ସହ ସୁନିଶ୍ଚିତ କରିବା । ଜଳ ସଂରକ୍ଷଣ ଯାହାକି ଆଜିର ଏବଂ ଭବିଷ୍ୟତ ପିଢ଼ି ପାଇଁ ଆବଶ୍ୟକତା ଏହି ବାର୍ତ୍ତାକୁ ଆଧାରକରି ଅଭିଯାନ ମାଧ୍ୟମରେ ଜଳର ସୁବିନିଯୋଗ ଓ ସଂରକ୍ଷଣ ପାଇଁ ଲୋକମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ହିଁ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ବିଶୁଦ୍ଧ ପାନୀୟ ଜଳ ଜନଜୀବନ ମଧ୍ୟରେ ଥିବା ସୁସ୍ଥତାକୁ ଗୁରୁତ୍ୱ ଦେଇ ଦୂଷିତ ଜଳ ହିଁ ବିଭିନ୍ନ ରୋଗର କାରଣ ଏହି ବାର୍ତ୍ତାକୁ ପ୍ରଚାର କରାଯିବ । ଦୂଷିତ ଜଳ ବ୍ୟବହାର କରିବା ଦ୍ୱାରା ଝାଡ଼ାବାନ୍ତି, ଆମାଶୟ, ଆନ୍ତ୍ରିକଜ୍ୱର, ଜଣ୍ଡିସ ଭଳି ମାରାତ୍ମକରୋଗ ହୋଇଥାଏ । ତେଣୁ ଜଳକୁ ପରିଷ୍କାର ଓ ଘୋଡ଼ଣୀ ଯୁକ୍ତ ପାତ୍ରରେ ରଖିବା, ଜଳ ଉତ୍ସଗୁଡ଼ିକୁ ପ୍ରଦୂଷଣମୁକ୍ତ ରଖିବା ଏବଂ ଘରୋଇ ସ୍ତରରେ ସ୍ୱଚ୍ଛତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । ଜଳସଂରକ୍ଷକ୍ଷଣକୁ ଦୈନନ୍ଦିନ ଜୀବନର ଏକ ଅଭ୍ୟାସରେ ପରିଣତ କରିବା ପାଇଁ ଜନସାଧାରଣମାନଙ୍କୁ କେତେଗୁଡ଼ିଏ ସରଳ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି । ଆବଶ୍ୟକ ନଥିବା ସମୟରେ ପାଣିଟ୍ୟାପ ବନ୍ଦ ରଖିବା, ଜଳଯୋଗାଣ ପାଇପରେ ଲିକେଜ ଥିଲେ ତୁରନ୍ତ ମରାମତି କରିବା ଏବଂ ନଦୀ, ପୋଖରୀ., ନଳକୂପ ଆଦି ଜଳ ଉତ୍ସ ନିକଟରେ ଆବର୍ଜନା ନପକାଇବା ଇତ୍ୟାଦି ପଦକ୍ଷେପ ଗୁଡ଼ିକ ଅନ୍ତର୍ଭୁକ୍ତ । ଏତଦବ୍ୟତୀତ ବର୍ଷା ହେବା ସମୟରେ ଜଳ ସାଇତିବା ଏବଂ ଏହାର ପୁନଃ ବ୍ୟବହାରକୁ ପ୍ରୋତ୍ସାହିତ କରିବା, ଜଳଟାଙ୍କି ଗୁଡ଼ିକୁ ସଫା ରଖିବା ଏବଂ ପାନୀୟ ଜଳର ଗୁଣବତା ବଜାୟ ରଖିବା ଉପରେ ମଧ୍ୟ ସଚେତନ କରାଯିବ । ଏପରି ହେଲେ ଜଳର ଅପଚୟ ହ୍ରାସ ପାଇବା ସହ ଜଳ ଦୂଷିତ ହେବାର ଆଶଙ୍କା ମଧ୍ୟ କମିବ ।

## ଅମୃତବାଣୀରୁ...

ପଶୁ ଓ ମନୁଷ୍ୟ ଭିତରେ ଗୋଟାଏ ପାର୍ଥକ୍ୟ ହେଲା ମନୁଷ୍ୟ ହିଁ କିଛି ନା କିଛି ଭଲ କଥା ପାଇବା ଆଶା ରଖିଥାଏ - ସେ ଆଶା ପୂରଣ ନ ହେଲେ ନିରାଶ ହୁଏ । ଏମିତି ହୁଏ ଯେ କିଛି ପାଇଲେ ମଧ୍ୟ ମନକୁ ବୁଝାଇ ଦିଏ ଭବିଷ୍ୟତରେ ତାହାର ଆଶା ହୁଏତ ପୂରଣ ହେବ । ଆଶା ଓ ନିରାଶା ଭିତରେ ମନୁଷ୍ୟ ବଂଚିଛି ...

- ଆଶା ହିଁ ଜୀବନ ଓ ଜୀବନ ହିଁ ଆଶା ।
- ଆଶା ଭିତରେ ଆନନ୍ଦ ଭରି ରହିଥାଏ - ସ୍ୱର୍ଗ କ'ଣ ତାହା ଯଦି ଆମେ ଜାଣି ଥାଆନ୍ତେ ସ୍ୱର୍ଗର ଚମତ୍କାରିତା ଆମକୁ ତନ୍ମୟ କରୁ ନ ଥାଆନ୍ତା
- ଯେତିକି ସୁଫଳ ମିଳିପାରେ ତାହାଠାରୁ ଢ଼େର ଅଧିକ ମିଳିବ ବୋଲି ଆଶା ରଖି ନ ଥିଲେ ମନୁଷ୍ୟ କେବେ ହେଲେ ବଡ଼ କାମ କରିବାକୁ ଆଗଭର ହୁଅନ୍ତା ନାହିଁ ।
- ଜୀବନର ବହୁ ଦୁଃଖ ଦୁର୍ଦ୍ଦଶା ସହିତ ଲଢ଼ିବାକୁ ପ୍ରଭୁ ଆମକୁ ଦୁଇଟି ଅସ୍ତ୍ର ଦେଇଛନ୍ତି- ଆଶା ଓ ନିଦ୍ରା ।
- ଯଦି ବସନ୍ତ ଆରମ୍ଭରେ ବଉଳ ଧରି ନାହିଁ, ଗ୍ରୀଷ୍ମ ଶେଷ ବେଳକୁ ଆମ୍ବ ପାଚିବ ବୋଲି ଆଶା ରଖିବ କାହିଁକି ?
- ଉଚ୍ଚ ଚିନ୍ତା ରୂପକ ଖାଦ୍ୟ ଯୋଗାଇଲେ ତୁମ ମନ ଆଶାତୀତ ଭାବରେ ପୁଷ୍ଟ ହୋଇଯିବ ।
- ଆଶା ଯେଉଁ ବାଟରେ ଚାଲିଯାଏ, ନୈରାଶ୍ୟ ସେହି ବାଟ ଖୋଜିଖୋଜି ଚାଲିଯାଏ ମଧ୍ୟ ।
- ଯେଉଁମାନେ ଜାଗ୍ରତ ରହନ୍ତି, ଆଶା ହେଉଛି ସେହି ମାନଙ୍କର ସ୍ୱପ୍ନ
- ଯେଉଁ ଲୋକ ଉଦ୍ୟମ ନ କରି କେବଳ ଆଶାରେ ହିଁ ବଂଚେ, ସେ ଶେଷରେ ମରେ ।
- ମନରେ ଯଦି ଥରେ ଆଶାର ଉଦ୍ରେକ ହେଲା, ବହୁଦିନ ପର୍ଯ୍ୟନ୍ତ ତାହା ବଂଚି ରହେ ।
- ଆଶାର ଯେତେବେଳେ ମୃତ୍ୟୁ ହୋଇଯାଏ ଲୋକ ନିରୀଶ୍ୱରବାଦୀ ହୋଇଯାଏ ।

## ଇଲାଇଥୁରର ଶୈବପୀଠ



ମନ୍ଦିରର ମୁଖ୍ୟ ଦେବତା ହେଉଛନ୍ତି ମଧୁନାଥ ସ୍ୱାମୀ । ଏଠାରେ ଶିବଙ୍କ ନାମ ମଧୁନାଥ ସ୍ୱାମୀ ହେବା ପଛରେ ଥିବା କିମ୍ବଦନ୍ତୀ ହେଲା- ଅଗସ୍ତ୍ୟ ଋଷି ଦାକ୍ଷିଣାତ୍ୟ ବୁଲିଯିବା ବେଳେ ଏକ ତେନ୍ତୁଳି ବୃକ୍ଷ ମୂଳେ ବସି ଏକ ବାଲୁକା ଲିଙ୍ଗ ତିଆରି କରିଥିଲେ । ସେହିଠାରେ ସେ ଶିବଙ୍କୁ ପୂଜା କରିବା ସହ ତପସ୍ୟାମଗ୍ନ ରହିଲେ । ଇତିମଧ୍ୟରେ ଦେଖିବାକୁ ମିଳିଲା ବୃକ୍ଷ ପତ୍ରରୁ ଉକ୍ତ ଶିବଲିଙ୍ଗ ଉପରେ ଟୋପା ଟୋପା ମହୁ ଝରିପଡୁଛି । ବୃକ୍ଷ ଗଣ୍ଡିରୁ ମଧ ମଧୁ ଝରି ମୂଳକୁ ଶିବଲିଙ୍ଗଙ୍କ ପାଖକୁ ଆସୁଥିଲା । ତେଣୁମ ଧୁରେ ଭିଜିଥିବା ଠାକୁର ବା ମଧୁନାଥ ଆଖ୍ୟା ଦିଆଗଲା ଏହି ଶିବଲିଙ୍ଗଙ୍କୁ । ପତ୍ରରୁ ମଧୁ ଝରି ତଳେ ପଡ଼ିବା ଯୋଗୁଁ ଉକ୍ତ ସ୍ଥାନର ନାମ ହେଲା ଇଲାଇଥୁର । ବିଶ୍ୱାସ ରହିଛି, ପୂର୍ବ ଜନ୍ମରେ ଏହି ଠାକୁରଙ୍କୁ ମହୁରେ ପୂଜା କରୁଥିବା ବ୍ୟକ୍ତି ଏ ଜନ୍ମରେ ମଧୁର ସ୍ୱରର ଅଧିକାରୀ ହୋଇଥାଏ ।

## ବିଶ୍ୱ ପଶୁ କଲ୍ୟାଣ ଦିବସ

# ବିଶ୍ୱମାତାଙ୍କ ପାଇଁ ଦିନଟିଏ

◆ଅଲେଖ ଚନ୍ଦ୍ର ସାମଲ, ଓଏଫ୍ଏସ-୧ (ଏସ୍.ବି.)



ଆଜି ବିଶ୍ୱ ପଶୁମଙ୍ଗଳ ଦିବସ । ସଚରାଚର ବ୍ରହ୍ମାଣ୍ଡରେ ପଶୁମାନଙ୍କ ସୁରକ୍ଷା ଓ ସେମାନଙ୍କର ମଣିଷ ସମାଜ ପ୍ରତି ଅବଦାନ ପାଇଁ ସ୍ମରଣୀୟ ଦିନଟିଏ ହେଉଛି ଆଜି । ଆମ ଆଖପାଖରେ ଦେଖୁଛୁ ଯେ ଆମ ମାନଙ୍କ ପାଇଁ ନିଜ ତମାମ୍ ଜୀବନକୁ ଉତ୍ସର୍ଗ କରିଥିବା ମୁକ ପ୍ରାଣୀ ପଶୁମାନଙ୍କ ପ୍ରତି ଆମର ଦରଦ କିଛି ନାହିଁ କହିଲେ ଚଳେ । ସ୍ୱାର୍ଥପର ଭାବରେ ଆମ୍ଭେମାନେ ସାରା ଜୀବନ ଗାଇଟିଏ ଠାରୁ କ୍ଷୀର ଖାଇବା ପରେ ବୁଢ଼ୀ ହୋଇଗଲା ପରେ ତାକୁ କଂସେଇ ହାତରେ ବିକ୍ରି କରିଦେଇଥାଉ । ସାରା ଜୀବନ ଚାଷ କାମ କରି ଚାଷୀ ବାପୁଡା ମୁହଁରେ ହସ ଫୁଟାଇ ଜୟ କିଶାନ ସ୍ଲୋଗାନକୁ ସତ୍ୟରେ ପରିଣତ କରୁଥିବା ବଳଦଟି ହଡା ହୋଇଗଲେ ଗୋରୁ ହାଟରେ ପଣ୍ୟ ହୋଇଯାଏ । ମାଲିକର ବୋଝ ବୋହି ବୋହି କୁଜା ହୋଇଯାଉଥିବା ଗଧଟିର ଶେଷ ଜୀବନ ବଡ଼ ଯନ୍ତ୍ରଣା ଦାୟକ ଥାଏ । କେବଳ ସେତିକି ନୁହେଁ ଘୋଡ଼ା ଠାରୁ ଓଟ ଜାତୀୟ ପଶୁ ମହାବଳ ବାଘ ଠାରୁ ଗଜରାଜ ହାତୀ ସମସ୍ତଙ୍କର ଜୀବନ ଆଜି ଅତ୍ୟନ୍ତ ଶୋଚନୀୟସ୍ଥିତିରେ । ପ୍ରଶ୍ନ ଉଠୁଛି ଏହା ପାଇଁ ଦାୟୀ କିଏ ? ଆମେ ମାନେ ସମସ୍ତେ ଦାୟିତ୍ୱର ବାହାନା, କର୍ତ୍ତବ୍ୟବୋଧର ଚାପ ଓ ନିୟତିର ଧାରଣାର ବଶବର୍ତୀ ହୋଇ ନିଜେ ନିୟମକୁ ମୋଡ଼ିମାଡି ଶ୍ରେଷ୍ଠପ୍ରାଣୀ ମଣିଷ ହୋଇଥିବାରୁ ଏହି ହତଭାଗ୍ୟ ମୁକ ମାନଙ୍କ ବେଦନାକୁ ସିନା ବୁଝିପାରି ନଥାଉ ସେମାନଙ୍କର କୋହ ଓ ଲୁହ ନିଶ୍ଚିତ ଭାବରେ ଆମ୍ଭ ମାନଙ୍କୁ ବିଶ୍ୱାସଘାତକ ଭାବେ ପ୍ରମାଣିତ କରୁଛୁ । ଏହି ଲେଖକ ଗତବର୍ଷ ଭୟାବହ ବନ୍ୟାରେ ତାହା ଭୂଗୋଳ ପୋଥିପତରରେ ନାଁ ନଥିବା ଛୋଟିଆ ଗାଁ ରାଜନଗର ସନ୍ନିକଟ ନିଜ ଜନ୍ମସ୍ଥାନକୁ ଯାଇଥିବାବେଳେ ମୁକ ପଶୁମାନଙ୍କ ମୁହଁରେ ଦାନା ଦେବାପାଇଁ ଲୋକମାନଙ୍କର ଆକୁଳ ପ୍ରାର୍ଥନାକୁ ପ୍ରତ୍ୟକ୍ଷ ଭାପବରେ ନିଜେ ଦେଖିଥିଲା । କୃତ୍ୟକୃତ୍ୟ ହୋଇପଡ଼ିଥିଲା ଯେ ତାହା ଜନ୍ମସ୍ଥାନର ଲୋକମାନେ ପଶୁମାନଙ୍କ ଠାରୁ ପାଉଥିବା ସେବାର ପ୍ରତିବଦଳରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜ ଖାଇବାକୁ ପଛରେ ପକାଇ ଗୋରୁ ଗାଇଙ୍କ ପାଇଁ ଦାନା ଯୋଗାଡ଼ରେ ବ୍ୟସ୍ତ ରହିଥିଲେ । ମଣିଷ ହେଉଛି ଏ ସୃଷ୍ଟିର ଅମୃତସ୍ୟ ପୁତ୍ରାଃ । ଶାସ୍ତ୍ର ଭାଷାରେ ସେ ହେଉଛି ଅମୃତର ସନ୍ତାନ । ଏହି ଅମୃତର ସନ୍ତାନର ଶରୀର ଗଠନର ସବୁଠାରୁ ବଡ଼ ଭୂମିକା ତୁଲାଇଥାଏ କ୍ଷୀର । ଗୋମାତା ଏହି କ୍ଷୀର ପ୍ରଦାନ କରିଥାଏ । ଯିଏ ଦିନେ ତା ପ୍ରତିବଦଳରେ ମଣିଷକୁ କିଛି ବି ମାଗିନଥାଏ । ନିଃସ୍ୱାର୍ଥପର ଭାବରେ କ୍ଷୀର ପ୍ରଦାନ କରି ଶରୀର ଗଠନ ପାଇଁ ସେ ତାର କ୍ରାନ୍ତିକାରୀ ଭୂମିକା ତୁଲାଇଥାଏ ଯାହାପାଇଁ ସେ ହେଉଛି ବିଶ୍ୱମାତା ଗୋମାତା । ବଳଦ ସେହିପରି ମୁକ ପ୍ରାଣୀଟିଏ ଯିଏ ଚାଷ କ୍ଷେତ୍ରରେ ସୁନା ଫସଲ ପ୍ରଦାନ କରିଥାଏ । ତାହାରି ଭାରର ସାହାରାରେ ଜୟ କିଶାନର ସ୍ଲୋଗାନ ସତ୍ୟରେ ପରିଣତ ହୋଇଥାଏ ହେଲେ ହଡା ବଳଦର କାହାଣୀ ପରି ସେ ବାର୍ଦ୍ଧକ୍ୟରେ ପହଂଚିଲେ ତାହାର ଶେଷ ଜୀବନ କଂସେଇ ହାତରେ ଦେବାବେଳେ ଆମେ ତାହା ପ୍ରତି କୃତଜ୍ଞ ହୋଇନଥାଉ । ବିଭିନ୍ନ ସମୟରେ ଦୁର୍ଘଟଣାରେ ପଶୁପକ୍ଷୀମାନଙ୍କର ଅଭାବନୀୟ ମୃତ୍ୟୁ ଆମ୍ଭେମାନେ ଦେଖିଥାଉ । ସେମାନେ ରାସ୍ତାରେ ବା ଚାଷ କ୍ଷେତ୍ରରେ ପଡ଼ି ଛଟପଟ ହେଉଥିଲେ ବି ଆମେ ସେମାନଙ୍କର ଚିକିତ୍ସା ଦୂରର କଥା ପାଣି ମୁନ୍ଦାଏ ନଦେଇ ନିଜ କର୍ତ୍ତବ୍ୟ ବ୍ୟସ୍ତତାର ବାହାନାରେ ବାଟ କାଟିଥାଉ । ନିୟତିର ଚକ୍ରରେ ମଣିଷ ସମାଜ ପାଇଁ ପଶୁମାନଙ୍କର ତ୍ୟାଗ ପ୍ରାତଃସ୍ମରଣୀୟ । ସେମାନଙ୍କର ମୁହଁ ଫିଟିନଥାଏ କାହାକୁ ନିଜର ଦୁଃଖ, ଯନ୍ତ୍ରଣା, ଅଭାବ କହିବାର ସୁଯୋଗ ବି ନଥାଏ । ନିଃସ୍ୱାର୍ଥପର ଭାବରେ ଅବିରତ ଖାଇବା ଓ ବିଶ୍ରାମକୁ ପଛରେ ପକାଇ ମଣିଷ ସମାଜର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବା ଏହି ନିରୀହ ପଶୁମାନଙ୍କୁ ଆମ୍ଭେମାନେ ନିଜ ସ୍ୱାର୍ଥରେ ବଳି ଦେଉଥାଉ କିନ୍ତୁ ପ୍ରତିବଦଳରେ କିଛି ନାହିଁ । ଏମିତି ପଶୁଟିଏ ଫିଟିଗଲେ କ'ଣ ଖାଇବାକୁ ପାଇବନି ଯେ ଯୁକ୍ତି ବି ଆମେ କରିଥାଉ ଯେ ଏମାନଙ୍କୁ କ'ଣ ଆମେ ଖାଇବାକୁ ପିଇବାକୁ ଦେଉନି ବା ଦେହବାଧକ ହେଲେ ଔଷଧପାଣି ନଦେଇଥାଉ ? ସବୁ ଦେଇଥାଉ ସତ କିନ୍ତୁ ଏହାର ଭିତରେ ରହିଛି ସ୍ୱାର୍ଥ । ଗାଇଟିଏ ଭଲ ହୋଇଗଲେ କ୍ଷୀର ଦେବ ଯାହା ଆମ ପିଲାମାନେ ଖାଇବେ, ବଜାରରେ ବିକ୍ରି ହେଲେ ତେଲଲୁଣ ସଉଦା କିଣାହେବ । ଠିକ୍ ସେହିପରି ବଳଦର ଦେହ ଭଲ ହେଲେ ସେ ହଳକୁ ଯିବ, ନଡ଼ା ବିଲରୁ ବୁହାଯିବ । ନିତିଦିନିଆ ଜୀବନରେ ସାଧାରଣ କୁକୁରଟିର ଭୂମିକା ବି କମ୍ ପ୍ରେରଣା ଦାୟକ ନୁହେଁ । ବିଶ୍ୱସ୍ତ କୁହାଯାଉଥିବା କୁକୁରଟି ମାଲିକର ଧନଜୀବନ ସୁରକ୍ଷା ପାଇଁ ନିଜ ଜୀବନକୁ ବଳୀ ଦେଇଥାଏ କିନ୍ତୁ ପ୍ରତିବଦଳରେ ପାହାରଟିଏ ସାର । ଗଣମାଧ୍ୟମରେ ପ୍ରକାଶ ପାଉଥିବା ଖବର ଅନୁଯାୟୀ ମହାବଳ ବାଘ ଠାରୁ ଗଜରାଜ ହାତି ସମସ୍ତଙ୍କର ଜୀବନ ଆଜି ବିପନ୍ନ । ଶିକାରୀମାନେ ସେମାନଙ୍କୁ ମାରି ଦାନ୍ତ ଓ ଛାଲ, ନଖ ଲୁଟ କରି ଲକ୍ଷ ଲକ୍ଷ ଟଙ୍କା ପାଇଥାନ୍ତି । ତେଣୁ ଆଜି ବିଶ୍ୱ ପଶୁମଙ୍ଗଳ ଦିବସରେ ସମସ୍ତଙ୍କର ଅନୁଚିନ୍ତା ଏହା ହେଉ ଆମର ଆଖପାଖ ହାତପାହାନ୍ତର ପରିବେଶରେ ଥିବା ପଶୁମାନଙ୍କ ଦାୟିତ୍ୱ ଓ ସେବାର ପ୍ରତିବଦଳରେ କୃତଜ୍ଞତା ସ୍ୱରୂପ ସେମାନଙ୍କର ଖାଇବା ଓ ବିଶ୍ରାମ ପ୍ରତି ଗୁରୁତ୍ୱ ଦେଇ ସେମାନଙ୍କର ଶେଷ ଜୀବନକୁ କେତେଟା ଟଙ୍କା ପାଇଁ କାହା ହାତରେ ବିକ୍ରି ନକରି ଅନ୍ତତଃ ଆମରି ମାନଙ୍କ ପାଖରେ ସେହିପରି ରଖିଲେ କ'ଣ ଖରାପ ହୁଅନ୍ତା ? ବେଶି କିଛି ଖର୍ଚ୍ଚ ହୁଅନ୍ତା ନି ବରଂ ଭଗବାନ ଖୁସି ହୁଅନ୍ତେ । ଦୁନିଆରେ କୃତଜ୍ଞତାର ପରିଭାଷା ବଦଳିଯାଆନ୍ତା । ଆସନ୍ତୁ ଆଜିପରି ପବିତ୍ର ଦିନରେ ଏହି ମୁକ ପ୍ରାଣୀମାନଙ୍କ ସୁରକ୍ଷା ପାଇଁ ଭଗବାନଙ୍କୁ ପ୍ରାର୍ଥନା ପୂର୍ବକ ସେମାନଙ୍କ ସେବାରେ କିଛି ସମୟ ତ କାଢ଼ିପାରିବା ଏହା ହେଉ ମଣିଷ ସମାଜର ମାନବିକତାର ଧର୍ମ ।

*ପୂର୍ବତନ ଡିଏଫ୍ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର : ୯୪୩୭୨୫୭୧୨୩*

# ଗୋମାତା : ବିଶ୍ୱମାତା

◆ ଡ଼ଃ.ଅରୁନ୍ଧତୀ ଦେବୀ



ମନୁଷ୍ୟ ଦ୍ୱାରା ନିର୍ଯାତିତ ପଶୁଙ୍କ ସୁରକ୍ଷା ପାଇଁ ସଚେତନତାର ଦିନ ହେଉଛି ବିଶ୍ୱ ପଶୁ କଲ୍ୟାଣ ଦିବସ । ଅନେକ ସମୟରେ ଫାର୍ମରେ ବା ଘରେ ପାଳିତ ପଶୁଙ୍କୁ ଅବହେଳା କରାଯାଏ ଏବଂ ଅତି ଖରାପ ଅବସ୍ଥାରେ ସେମାନଙ୍କୁ ରଖା ଯାଇଥାଏ । ଏଭଳି ଅପରାଧିକ କାଣ୍ଡ ପ୍ରତି ଲୋକଙ୍କୁ ସଚେତନ କରାଇବା ଏ ଦିବସର ଉଦ୍ଦେଶ୍ୟ । ପଶୁଙ୍କ ପାଇଁ ଦିନଟିଏ ଉତ୍ସର୍ଗ କରିବାକୁ ୧୯୩୧ ରେ ଫ୍ଲୋରେନ୍ସରେ ଅନୁଷ୍ଠିତ କନ୍‌ଭେନସନ୍ ଇକୋଲୋଜିଷ୍ଟସ୍‌ରେ ଜର୍ମାନ ଜେଓ୍ୱିଶ୍ ଲେଖକ ହିନ୍‌ରିଚ୍ ଜିମର୍‌ମନ ଏହି ଦରଖାସ୍ତ ପ୍ରଦାନ କରିଥିଲେ । ପଶୁ ଅଧିକାର ପାଇଁ ସେ ଦୀର୍ଘ ବର୍ଷ ଲଢ଼େଇ କରିଥିଲେ । ତାରି ଫଳସ୍ୱରୂପ ପ୍ରତି ବର୍ଷ ଅକ୍ଟୋବର ୪ରେ ସମଗ୍ର ବିଶ୍ୱରେ ବିଶ୍ୱପାଳନ କରାଯାଉଛି ପଶୁ କଲ୍ୟାଣ ଦିବସ । ପଶୁ ଅଧିକାର ସମୂହ ବିଶ୍ୱ ସ୍ତରରେ ପଶୁଙ୍କ ଅଧିକାରକୁ ଗୁରୁତ୍ୱ ଓ ସମର୍ଥନ କରୁଛନ୍ତି । ପଶୁପକ୍ଷୀଙ୍କୁ କୌଣସି ଉତ୍ପାଦ ବା ବସ୍ତୁ ଭଳି ନୁହେଁ ବରଂ ଜୀବନ୍ତ ପ୍ରାଣୀ ରୂପେ ସମ୍ମାନ ଦେବା ଉଚିତ । ଉପଯୁକ୍ତ ସ୍ନେହ, ଶ୍ରଦ୍ଧା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ଦେବା ଦରକାର । ପଶୁଙ୍କ ପ୍ରତି ବର୍ବରତା ବିରୋଧରେ ପ୍ରତ୍ୟେକ ବ୍ୟକ୍ତି ସ୍ୱର□ାଳନ କରିବା ନିହାତି ଜରୁରୀ । ଏ ଅବସରରେ ପଶୁ ଆଶ୍ରୟସ୍ଥଳୀ, କ୍ଲିନିକ୍‌ଗୁଡ଼ିକ ପଶୁଙ୍କ ପାଇଁ ଓପନ୍ ହାଉସ୍ ଆୟୋଜିତ କରିଥାନ୍ତି । ସନ୍ଥ ଫ୍ରାନ୍ସିସ୍ ଆସିସିଙ୍କ ସ୍ମୃତି ଦିବସକୁ ମଧ୍ୟ ବିଶ୍ୱ ପଶୁ କଲ୍ୟାଣ ଦିବସ ରୂପେ ପାଳନ କରାଯାଏ, କାରଣ ପଶୁଙ୍କ ପ୍ରତି ତାଙ୍କର ଖୁବ୍ ଭଲପାଇବା ଥିଲା । ସନ୍ଥ ଆସିସିଙ୍କ ମତରେ ଛୋଟିଆ କୃମି ମଧ୍ୟ ଈଶ୍ୱରଙ୍କ ସୃଷ୍ଟି । ତେଣୁ ତାର ସମ୍ମାନ ଓ ସୁରକ୍ଷା ମଣିଷର କର୍ତ୍ତବ୍ୟ ।ପ୍ରତିବର୍ଷ ଅକ୍ଟୋବର ୪ ତାରିଖକୁ 'ବିଶ୍ୱ ପଶୁ କଲ୍ୟାଣ ଦିବସ' ରୂପେ ପାଳିତ କରାଯାଏ । ପଶୁମାନଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ୧୯୩୧ ମସିହା ଅକ୍ଟୋବର ୪ ତାରିଖକୁ ପଶୁ କଲ୍ୟାଣ ଦିବସ ରୂପେ ବିଧିବଦ୍ଧ ଭାବେ ପାଳନ କରା ଯାଉଅଛି । ସମଗ୍ର ବିଶ୍ୱରେ ଏହି ଦିବସକୁ ମହାସମାରୋହରେ ପାଳନ କରାଯାଉଅଛି । ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ଧାର୍ମିକ ଅନୁଷ୍ଠାନ ଏପରିକି ସରକାରୀ ବେସରକାରୀ ଅନୁଷ୍ଠାନ ମଧ ଏହି ଦିବସକୁ ପାଳନ କରି ଥାନ୍ତି । ଏହି ଦିବସର କାର୍ଯ୍ୟକଳାପ, ନୀତିନିୟମ ନିମନ୍ତେ ୱାଲର୍ଡ଼ ସୋସାଇଟି ଫର୍ ଦି ପ୍ରୋଟେକ୍‌ସନ ଅପ୍ ଅନିମାଲ' ପକ୍ଷରୁ ୱାଲର୍ଡ଼ ଆନିମାଲ ୱିକ୍ ନାମକ ଏକ ୱେବ୍‌ସାଇଟ ଖୋଲା ଯାଇଛି ଯାହା ମାଧ୍ୟମରେ ବିଶ୍ୱ ପଶୁ କଲ୍ୟାଣ ନିମେନ୍ତ ପାଣ୍ଠି ଗ୍ରହଣ କରା ଯାଇଥାଏ । ପଶୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ସଂହାରକୁ ବନ୍ଦ କରିବା ପାଇଁ ଜନଜାଗରଣ ସୃଷ୍ଟି କରିବା ଅର୍ଥରେ ସେହି ପାଣ୍ଠିରୁ ବିନିଯୋଗ କରାଯାଇଥାଏ । ବିଶ୍ୱର ଦ୍ୱୀପ ଲିଭିଗଲା ପରେ ତେଲ ଲାଭ କ'ଣ ? ସେହିପରି ଚୋର ପଳାଇଲା ପରେ ଆଉ ପାଟି କରି କି ଲାଭ । ସମସ୍ତ ମଣିଷ ପଶୁକଲ୍ୟାଣ ଦିବସରେ ପଶୁମାନଙ୍କୁ ନିଜ ସ୍ନେହ ଶ୍ରଦ୍ଧା ଓ ପ୍ରେମ ପ୍ରଦାନ କରିବା ଉଚିତ୍ । ଏହି ଦିନ ସମଗ୍ର ବିଶ୍ୱରେ ଗୀର୍ଜା ମାନଙ୍କରେ ପଶୁମାନଙ୍କର ହିତ ଉଦ୍ଦେଶ୍ୟରେ ପ୍ରାର୍ଥନା କରା ଯାଇଥାଏ । ଲୋକମାନଙ୍କ ମନରେ ଜନସଚେତନତା ସୃଷ୍ଟି କରିବା ପାଇଁ ୟୁଏନ୍‌ଇପି, ୟୁଏନ୍‌ବିପି ଏବଂ ଆର୍ଥ କମ୍ୟୁନିକେସନ୍ ଅଫିସ୍ ପକ୍ଷରୁ ବହୁବିଧ କାର୍ଯ୍ୟକ୍ରମ ମଧ ହାତକୁ ନିଆଯାଇଛି । ପଶୁସମ୍ପଦର ସୁରକ୍ଷା ଏବଂ ସେମାନଙ୍କ ବଂଶ ବୃଦ୍ଧି ନିମନ୍ତେ ଏହି ଦିବସ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଥାଏ । ୧୯୩୧ ମସିହା ଠାରୁ ପ୍ରତିବର୍ଷ ଅକ୍ଟୋବର ୪ ତାରିଖକୁ ବିଶ୍ୱ ପଶୁକଲ୍ୟାଣ ଦିବସରୂପେ ପାଳନ କରାଯାଉଅଛି । ପଶୁମାନଙ୍କୁ ସୁରକ୍ଷା ଦେବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ସମଗ୍ର ବିଶ୍ୱରେ ଏହି ଦିବସକୁ ମହା ସମାରୋହର ସହିତ ପାଳନ କରାଯାଏ । ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ଧାର୍ମିକ ଅନୁଷ୍ଠାନ ଏପରିକି ସରକାରୀ ଓ ବେସରକାରୀ ସଂସ୍ଥା ମାନଙ୍କରେ ମଧ ଅତି ଆଗ୍ରହର ସହିତ ଏହି ଦିବସ ପାଳନ କରାଯାଏ । **World Society for the Protection of Animal World** ପକ୍ଷରୁ ଇଭସଙ୍କବକ୍ଷ ଡରରଳ ନାମକ ଏକ ନୂଆ ୱେବସାଇଟ୍ ଖୋଲା ଯାଇଛି ।ଏହି ୱେବ୍‌ସାଇଟ ଜରିଆରେ ଆର୍ଥିକ ପାଣ୍ଠି ସଂଗ୍ରହ କରାଯାଇ ପଶୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚର ଓ ସଂହାରକୁ ରୋକିବା ପାଇଁ ଉକ୍ତ ଅର୍ଥକୁ ବିନିଯୋଗ କରାଯାଏ । ସମଗ୍ର ବିଶ୍ୱରେ ସମସ୍ତ ମଣିଷ ଏହି ଦିବସରେ ପଶୁମାନଙ୍କୁ ସ୍ନେହ, ଶ୍ରଦ୍ଧା ଓ ପ୍ରେମ ପ୍ରଦାନ କରିବା ପାଇଁ ଗୁରୁତ୍ୱ ଦିଆଯାଏ । ଏଥିପାଇଁ ମଧ ଲୋକ ମାନଙ୍କ ମଧରେ ସଚେତନତା ସୃଷ୍ଟି କରିବା ପାଇଁ ଦେବତା କାଠରେ ନଥାନ୍ତି, ପଥରରେ ନଥାନ୍ତି, ମାଟିର ମୂର୍ତ୍ତିରେ ମଧ ନଥାନ୍ତି, ସେ ଥାଆନ୍ତି କେବଳ ଭାବରେ । ସବୁର ଏକମାତ୍ର କାରଣ ହେଉଛି 'ଭାବ' । ପକ୍ଷରୁ ବହୁବିଧ କାର୍ଯ୍ୟକ୍ରମ ମାନ କରାଯାଇଛି, ପ୍ରାଣୀଜ ସଂପ୍ରଦାୟର ସୁରକ୍ଷା ବିଷୟରେ ଏହି ଅନୁଷ୍ଠାନମାନ ଶିକ୍ଷା ଦେଇଥାଏ ।

*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର*

# ବିଶ୍ୱପଶୁ କଲ୍ୟାଣ ଦିବସ ଏକ ଚିନ୍ତନ

◆ ଦିଲ୍ଲୀପ କୁମାର ମହାରଣା




ପ୍ରତିବର୍ଷ ଅକ୍ଟୋବର ୪ ତାରିଖକୁ ନ୍ତବିଶ୍ୱ ପଶୁ କଲ୍ୟାଣ ଦିବସ' ରୂପେ ପାଳିତ କରାଯାଏ । ପଶୁମାନଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ୧୯୩୧ ମସିହା ଅକ୍ଟୋବର ୪ ତାରିଖକୁ ପଶୁ କଲ୍ୟାଣ ଦିବସ ରୂପେ ବିଧିବଦ୍ଧ ଭାବେ ପାଳନ କରାଯାଉଅଛି । ସମଗ୍ର ବିଶ୍ୱରେ ଏହି ଦିବସକୁ ମହାସମାରୋହରେ ପାଳନ କରାଯାଉଅଛି । ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ଧାର୍ମିକ ଅନୁଷ୍ଠାନ ଏପରିକି ସରକାରୀ ବେସରକାରୀ ଅନୁଷ୍ଠାନ ମଧ ଏହି ଦିବସକୁ ପାଳନ କରିଥାନ୍ତି । ଏହି ଦିବସର କାର୍ଯ୍ୟକଳାପ, ନୀତି ନିୟମ ନିମନ୍ତେ ନ୍ତୱାଲର୍ଡ଼ ସୋସାଇଟି ଫର୍ ଦି ପ୍ରୋଟେକ୍‌ସନ ଅପ୍ ଅନିମାଲ' ପକ୍ଷରୁ ୱାଲର୍ଡ଼ ଆନିମାଲ ୱିକ୍ ନାମକ ଏକ ୱେବ୍‌ସାଇଟ ଖୋଲା ଯାଇଛି । ଯାହା ମାଧମରେ ବିଶ୍ୱ ପଶୁ କଲ୍ୟାଣ ନିମେନ୍ତ ପାଣ୍ଠି ଗ୍ରହଣ କରା ଯାଇଥାଏ । ପଶୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ସଂହାରକୁ ବନ୍ଦ କରିବା ପାଇଁ ଜନଜାଗରଣ ସୃଷ୍ଟି କରିବା ଅର୍ଥରେ ସେହି ପାଣ୍ଠିରୁ ବିନିଯୋଗ କରାଯାଇଥାଏ । ବିଶ୍ୱର ଦ୍ୱୀପ ଲିଭିଗଲା ପରେ ତେଲ ଲାଭ କ'ଣ ? ସେହିପରି ଚୋର ପଳାଇଲା ପରେ ଆଉ ପାଟି କରି କି ଲାଭ । ସମସ୍ତ ମଣିଷ ପଶୁ କଲ୍ୟାଣ ଦିବସରେ ପଶୁମାନଙ୍କୁ ନିଜ ସ୍ନେହ ଶ୍ରଦ୍ଧା ଓ ପ୍ରେମ ପ୍ରଦାନ କରିବା ଉଚିତ୍ । ଏହି ଦିନ ସମଗ୍ର ବିଶ୍ୱରେ ଗୀର୍ଜାମାନଙ୍କରେ ପଶୁମାନଙ୍କର ହିତ ଉଦ୍ଦେଶ୍ୟରେ ପ୍ରାର୍ଥନା କରାଯାଇଥାଏ । ଲୋକମାନଙ୍କ ମନରେ ଜନସଚେତନତା ସୃଷ୍ଟି କରିବା ପାଇଁ ୟୁଏନ୍‌ଇପି, ୟୁଏନ୍‌ବିପି ଏବଂ ଆର୍ଥ କମ୍ୟୁନିକେସନ୍ ଅଫିସ୍ ପକ୍ଷରୁ ବହୁବିଧ କାର୍ଯ୍ୟକ୍ରମ ମଧ ହାତକୁ ନିଆଯାଇଛି । ପଶୁସମ୍ପଦର ସୁରକ୍ଷା ଏବଂ ସେମାନଙ୍କ ବଂଶ ବୃଦ୍ଧି ନିମନ୍ତେ ଏହି ଦିବସ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଥାଏ । ୧୯୩୧ ମସିହା ଠାରୁ ପ୍ରତିବର୍ଷ ଅକ୍ଟୋବର ୪ ତାରିଖକୁ ବିଶ୍ୱ ପଶୁକଲ୍ୟାଣ ଦିବସରୂପେ ପାଳନ କରାଯାଉ ଅଛି । ପଶୁମାନଙ୍କୁ ସୁରକ୍ଷା ଦେବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ସମଗ୍ର ବିଶ୍ୱରେ ଏହି ଦିବସକୁ ମହା ସମାରୋହର ସହିତ ପାଳନ କରାଯାଏ । ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ଧାର୍ମିକ ଅନୁଷ୍ଠାନ ଏପରିକି ସରକାରୀ ଓ ବେସରକାରୀ ସଂସ୍ଥା ମାନଙ୍କରେ ମଧ ଅତି ଆଗ୍ରହର ସହିତ ଏହି ଦିବସ ପାଳନ କରାଯାଏ । **World Society for the Protection of Animal World _leê Animal Week** ନାମକ ଏକ ନୂଆ ୱେବସାଇଟ୍ ଖୋଲା ଯାଇଛି । ଏହି ୱେବ୍‌ସାଇଟ ଜରିଆରେ ଆର୍ଥିକ ପାଣ୍ଠି ସଂଗ୍ରହ କରାଯାଇ ପଶୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚର ଓ ସଂହାରକୁ ରୋକିବା ପାଇଁ ଉକ୍ତ ଅର୍ଥକୁ ବିନିଯୋଗ କରାଯାଏ । ସମଗ୍ର ବିଶ୍ୱରେ ସମସ୍ତ ମଣିଷ ଏହି ଦିବସରେ ପଶୁମାନଙ୍କୁ ସ୍ନେହ, ଶ୍ରଦ୍ଧା ଓ ପ୍ରେମ ପ୍ରଦାନ କରିବା ପାଇଁ ଗୁରୁତ୍ୱ ଦିଆଯାଏ । ଏଥିପାଇଁ ମଧ ଲୋକମାନଙ୍କ ମଧରେ ସଚେତନତା ସୃଷ୍ଟି କରିବା ପାଇଁ ଦେବତା କାଠରେ ନଥାନ୍ତି, ପଥରରେ ନଥାନ୍ତି, ମାଟିର ମୂର୍ତିରେ ମଧ ନଥାନ୍ତି, ସେ ଥାଆନ୍ତି କେବଳ ଭାବରେ । ସବୁର ଏକମାତ୍ର କାରଣ ହେଉଛି ଭାବ' । ପକ୍ଷରୁ ବହୁବିଧ କାର୍ଯ୍ୟକ୍ରମ ମାନ କରାଯାଇଛି, ପ୍ରାଣୀଜ ସଂପ୍ରଦାୟର ସୁରକ୍ଷା ବିଷୟରେ ଏହି ଅନୁଷ୍ଠାନମାନ ଶିକ୍ଷା ଦେଇଥାଏ ।

*ଶିଖରପୁର ଉପରସାହି, କଟକ : ୯୪୩୮୫୮୩୨୮୯*

# ଚେତନା ଜାଗ୍ରତ କରେ ଆଧ୍ୟାତ୍ମିକତା

◆ ତପସ୍ୱିନୀ ପଟ୍ଟନାୟକ



ଆଧ୍ୟାତ୍ମିକତା ପ୍ରତି ବିମୁଖ ନହୋଇ ସମ୍ପୃକ୍ତ ହେଲେ ଯାଇ ଏହାର ପ୍ରକୃତ ସୁଖ ମିଳିପାରିବ । ଆଧ୍ୟାତ୍ମିକତା ସର୍ବଦା ଚେତନା ଜାଗ୍ରତ କରିବା ପାଇଁ ଆହ୍ୱାନ ଜଣାଇଥାଏ । ନିଜ ଚେତନାକୁ ଜାଗ୍ରତ ରଖିବା ଲାଗି ଆମକୁ ଏହି ମାନବ ଜନ୍ମ ପ୍ରାପ୍ତ ହୋଇଛି । ସର୍ବଦା ଜାଗ୍ରତ ରହିଲେ ଆମେ ଜୀବନରେ ସମସ୍ତ ଉପଲବ୍ଧି ହାସଲ କରିପାରିବା । ଚେତନା ଜାଗ୍ରତ ନହେଲେ ଆମେ ନିଜକୁ ଠିକ୍ ଭାବେ ଅନୁଶୀଳନ କରିପାରିବା ନାହିଁ କିମ୍ବା ଈଶ୍ୱରଙ୍କୁ ମଧ୍ୟ ବୁଝି ପାରିବା ନାହିଁ । କଠୋପନିଷଦରେ କୁହାଯାଇଛି ଯେ ଉତ୍ତିଷ୍ଠ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ । ଅର୍ଥାତ୍ ଉଠ, ଜାଗ ଏବଂ ଶ୍ରେଷ୍ଠତା ପ୍ରାପ୍ତ କର । ଏହି ଶ୍ଳୋକରୁ ସ୍ୱାମୀ ବିବେକାନନ୍ଦ ନିଜସ୍ୱ ଢ଼ଙ୍ଗରେ ବ୍ୟାଖ୍ୟା କରିଛନ୍ତି । ଏଣୁ ଜାଗ୍ରତ ରହିବା ଜରୁରୀ । କିନ୍ତୁ ଆମେ ଏକ ପ୍ରକାର ନିଦରେ ହଜିଯାଇଛୁ । ଏହା ମୋହ, ମାୟା ଏବଂ ଲୋଭର ନିଦ । କାମ, କ୍ରୋଧ, ଭୟ, ଲୋଭ, ମୋହ ଆଦି ଅବଗୁଣକୁ ପରିତ୍ୟାଗ କଲେ ଯାଇ ଆମ ଚେତନା ଜାଗ୍ରତ ହୋଇପାରିବ । ଏହାପରେ ଆତ୍ମାର ସେହି ଦିବ୍ୟ ପ୍ରକାଶକୁ ଦେଖିହେବ । ନିଜ ଭିତରେ ହିଁ ପରମାତ୍ମାଙ୍କ ଅସ୍ତିତ୍ୱକୁ ଅନୁଭବ କରିହେବ । ଆତ୍ମବିଶ୍ୱାସ ଘନିଭୂତ ହେବଂ ବ୍ୟକ୍ତି ସଂସାରର କଲ୍ୟାଣ ସାଧିତ କରିପାରିବ । ଈର୍ଷା-ଦ୍ୱେଷ, ଆସକ୍ତି ଆଦିକୁ ପରିତ୍ୟାଗ କଲେ ମନୁଷ୍ୟ ଆତ୍ମଉନ୍ମୁଖରୁ ପରମଉନ୍ମୁଖ ହୋଇପାରିବ । ଯେ ସର୍ବଦା ଜାଗି ରହିଥାଏ ତାକୁ ଆମେ ଜାଗ୍ରତଶୀଳ କହିଥାଉ । ଈଶ୍ୱରଙ୍କ ପ୍ରକାଶ ଖୋଜିବାକୁ ହେଲେ ପ୍ରଥମେ ନିଜ ଭିତରେ ଖୋଜିବାକୁ ହେବ । ଆଧ୍ୟାତ୍ମ ଏବଂ ଯୋଗ ଜ୍ଞାନ ଆମକୁ ଏହି ବାର୍ତ୍ତା ଦେଇଥାଏ । ଜାଗ୍ରତ ହୋଇପାରିଲେ ମନୁଷ୍ୟ ପାଇଁ କିଛି ବି ଅସମ୍ଭବ ହୋଇ ରହିନଥାଏ ।

*ଅଧକ୍ଷା, ଡ୍ରିମ ଇଣ୍ଡିଆ ସ୍କୁଲ, ସେକ୍ଟର-୧୦, ସିଡ଼ିଏ, କଟକ*











# ଶ୍ରଦ୍ଧା ଓ ସମ୍ବେଦନାର ମର୍ମ କଥା



◆ଡ. ବିଜୟ କୁମାର ଦେ

ବୈଶାଖ ମାସର ଏକ ନିରାନନ୍ଦ ଅପରାହ୍ନ । କାମ ପାଇଟି ସାରି ମହିଳା ଜଣକ ନିଜ ଶୟନ କକ୍ଷରେ ବିଶ୍ରାମ ନେଉଥାନ୍ତି । ଭୋଜନ ନିମନ୍ତେ ସ୍ୱାମୀଙ୍କୁ ଅପେକ୍ଷା କରିଥାନ୍ତି । ଆଖି ଲାଗି ଆସୁଥିବା ବେଳେ ଶୁଣିଲେ ବାରଣ୍ଡାରେ କାହାର ଟୁପୁରୁ ଟାପର ଶବ୍ଦ । କବାଟ ଖୋଲି ଦେଖନ୍ତିତ ତିନି ଜଣ ସାଧୁ । ଅତ୍ୟନ୍ତ ଶ୍ରଦ୍ଧାରେ ସେମାନଙ୍କୁ ଭିତରକୁ ନିମନ୍ତ୍ରଣ କରନ୍ତି ମହିଳା ଜଣକ । ମାତ୍ର ସାଧୁମାନେ ଯେତେବେଳେ ଜାଣିଲେ ଯେ ଗୃହସ୍ୱାମୀ ଘରେ ନାହାନ୍ତି; ସେତେବେଳେ ସେମାନେ ମହିଳାଙ୍କୁ କହିଲେ ଯେ ତୁମର ସ୍ୱାମୀ ଆସିଲା ପରେ ଆମେ ତୁମର ଆତିଥ୍ୟ ସ୍ୱୀକାର କରିବୁ । ସେ ପର୍ଯ୍ୟନ୍ତ ଆମେ ତୁମ ଫାଟକ ବାହାରେ ଥିବା ବୃକ୍ଷ ତଳେ ବିଶ୍ରାମ ନେଉଛୁ । ଅନତି ବିଳମ୍ବେ ପହ□ିଲେ ଗୃହସ୍ୱାମୀ । ମହିଳା ଜଣକ ସ୍ୱାମୀଙ୍କ ପରାମର୍ଶ କ୍ରମେ ଫାଟକ ଖୋଲି ସାଧୁମାନଙ୍କୁ ଆମନ୍ତ୍ରଣ କଲେ । ସାଧୁମାନେ ସମବେତ ଭାବେ ମହିଳାଙ୍କୁ କହିଲେ - "ତୁମେ ପ୍ରଥମେ ଆମର ପରିଚୟ ନିଅ । ତା'ପରେ ଆତିଥ୍ୟ ବିଷୟରେ ଚିନ୍ତା କରିବ । ଆମ ଭିତରୁ ଜଣେ ହେଉଛି ଧନ, ଆଉ ଜଣେ ସଫଳତା ଓ ଅନ୍ୟ ଜଣକ ଶ୍ରଦ୍ଧା । ତେବେ ଆମେ ଏକାଠି କାହା ଘରକୁ ଯାଉନା । ସେଥିପାଇଁ ତୁମେ ଭିତରକୁ ଯାଇ ସ୍ୱାମୀ ସହିତ ପରାମର୍ଶ କର, ଆମ ତିନି ଜଣଙ୍କ ମଧ୍ୟରୁ ସେ କାହାକୁ ନିଜର ଅତିଥି କରିବାକୁ ଚାହୁଁଛନ୍ତି ।" ସ୍ତ୍ରୀ ଠାରୁ ସବୁ ଶୁଣିଲା ପରେ ସ୍ୱାମୀ ଆନନ୍ଦରେ ଅଧୀର ହୋଇ ପତ୍ନୀଙ୍କୁ କହିଲେ- ଅବିଳମ୍ବେ ଯାଇ ଧନକୁ ଆମର ଅତିଥି କରି ନେଇଆସ । କାରଣ ସେ ଆମର ଅତିଥି ହେଲେ ଆମର କିଛି ଅଭାବ ରହିବନି । ଆମ ଜୀବନ ଧନଧାନ୍ୟରେ ପୂରିଯିବ । ସ୍ତ୍ରୀ କିନ୍ତୁ ସ୍ୱାମୀଙ୍କ କଥାରେ ସହମତ ହେଲେ ନାହିଁ । ସେ କହିଲେ- ଧନ ଅପେକ୍ଷା ବରଂ ସଫଳତାଙ୍କୁ କରିବା ଆମର ଅତିଥି । କାରଣ ସଫଳତା ମିଳିଲେ ଧନ ଆପେ ଆପେ ମିଳିବ । ଏମାନଙ୍କ କଥୋପକଥନ ଅଦୂରରେ ଥାଇ ଶୁଣୁଥିଲା ସେମାନଙ୍କର ଏକମାତ୍ର କନ୍ୟା । ସେ କହିଲା- ଆମେ ଶ୍ରଦ୍ଧାଙ୍କୁ ଆମର ଅତିଥି କଲେ ସବୁଠାରୁ ଭଲ ହେବ । କାରଣ ଶ୍ରଦ୍ଧା ଓ ସଦ୍‌ଭାବ ବିନା ଧନ ଓ ସଫଳତାର କୌଣସି ଅର୍ଥ ନଥାଏ । ଶେଷରେ ଶ୍ରଦ୍ଧାଙ୍କୁ ଅତିଥି ରୂପେ ନିମନ୍ତ୍ରଣ କରାଯିବାର ନିଷ୍ପ□ ହେଲା । ତଦନୁଯାୟୀ ମହିଳା ଜଣକ ଶ୍ରଦ୍ଧାଙ୍କୁ ଘରକୁ ଆସିବାକୁ ଅନୁରୋଧ କଲେ । କିନ୍ତୁ ଶ୍ରଦ୍ଧା ଯେତେବେଳେ ମହିଳାଙ୍କ ସହ ତାଙ୍କ ଘରକୁ ଯିବା ପାଇଁ ବାହାରିଲେ, ସେତେବେଳେ ତାଙ୍କ ପଛେ ପଛେ ମଧ ବାହାରିଲେ ଧନ ଓ ସଫଳତା । ଏହା ଦେଖି ମହିଳା ଜଣକ ବିସ୍ମିତ ଭଙ୍ଗିରେ ଅନାନ୍ତେ, ଶ୍ରଦ୍ଧା କହିଲେ- ତୁମେ ଯଦି ଧନ କିମ୍ବା ସଫଳତାଙ୍କୁ ଡାକି ଥାନ୍ତ, କେବଳ ମାତ୍ର ସେମାନେ ହିଁ ଯାଇଥାନ୍ତେ । ଯେହେତୁ ତୁମେ ସେମାନଙ୍କୁ ନ ଡାକି ମୋତେ ଡାକିଲ; ସେଥିପାଇଁ ସେମାନେ ମୋ ସହ ଯିବାକୁ ବାଧ୍ୟ । କାରଣ ମୁଁ ଯେଉଁଠି ରହିବି, ଧନ ଓ ସଫଳତା ସ୍ୱତଃ ସେଠାରେ ରହିବେ । କାହାଣୀର କଥାବସ୍ତୁ ସୂଚନା ଦିଏ ଯେ ସ୍ନେହ, ଶ୍ରଦ୍ଧା, ମମତା, ସମ୍ବେଦନଶୀଳତା ମଣିଷ ଜୀବନର ସବୁଠାରୁ ମୂଲ୍ୟବାନ ବି□ । ହୃଦୟ ଶ୍ରଦ୍ଧାପ୍ଳୁତ ହେଲେ ସମ୍ବେଦନଶୀଳତାର ପ୍ରକଟ ଘଟେ । ସମ୍ବେଦନଶୀଳ ମଣିଷ ନିଜ ପାଇଁ ଭିନ୍ନ ଏକ ପରିଚୟ ସୃଷ୍ଟି କରିପାରେ । ସେ ମହନୀୟ ବ୍ୟକ୍ତିତ୍ୱର ଅଧିକାରୀ ହୁଏ । ସମ୍ମାନ ଓ ସଫଳତା ତାକୁ ଆପଣାଛାଏଁ ମିଳିଯାଏ । ତା' ବିବେକ ତାକୁ ବଳୀୟାନ୍ କରେ । ଶତ୍ରୁ ବି ତା'ର ଆପଣାର ହୋଇଉଠେ । ପ୍ରିୟ ପରିଜନ ତା'ର ପ୍ରଶସ୍ତି ଗାନରେ ଶତମୁଖ ହୋଇଉଠନ୍ତି । ବିକାରହୀନ ମଣିଷ ହିସାବରେ ସେ ଶ୍ରଦ୍ଧାର ହାତ ବଢ଼ାଏ ବୋଲି ତା' ବିପଦ ବେଳେ ଅଯାଚିତ ଭାବରେ ତାକୁ ସାହାଯ୍ୟ ମିଳିଯାଏ । ଈଶ୍ୱରଙ୍କ ଆଶୀର୍ବାଦ ପାଇଲା ପରି ଚିହ୍ନା ଅଚିହ୍ନା କେତେ ବ୍ୟକ୍ତି ଅକୁଣ୍ଠ ସାହାଯ୍ୟ କରିବସନ୍ତି । ତା' ବିପଦ ଘୁଚ୍‌ଯାଏ । ଶ୍ରଦ୍ଧା ଓ ସମ୍ବେଦନଶୀଳତାର ଫଳ ଲାଭ କରି ସେ ପୁଲକିତ ହୁଏ । ସାମ୍ପ୍ରତିକ ସମାଜରେ ସ୍ନେହ ଶ୍ରଦ୍ଧାକୁ ଜୀବନର ବହୁମୂଲ୍ୟ ସମ୍ବଳ ବୋଲି ବୁଝିନେଇ ସମ୍ବେଦନଶୀଳତାର ଭାବ ପ୍ରକଟ କରିବାର ମାନସିକତା ଲୋପ ପାଇବାରେ ଲାଗିଛି । ମଣିଷ ଆତ୍ମ ସର୍ବସ୍ୱ ହୋଇ ନିଜ ସୁଖ ହିଁ ଚିନ୍ତା କରୁଛି । ଅନ୍ୟର ଦୁଃଖରେ ସମଭାଗୀ ହୋଇପାରୁନି । ନିଜର ସ୍ଥିତିକୁ ନିରାପଦ ରଖି ଅନ୍ୟକୁ ବିପଦର ବଳୟ ଭିତରକୁ କୌଶଳ କ୍ରମେ ଠେଲି ଦେଉଛି । ଆଜିର ସମାଜରେ ଏଭଳି ବ୍ୟକ୍ତି ସ□ାମାନଙ୍କର ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ଏମାନଙ୍କର ଏତାଦୃଶ ମାନସିକତା ପାଇଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି । ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ଶିଳ୍ପ ପ୍ରତିଷ୍ଠାନ, ନ୍ୟାୟାଳୟ, ହାଟବଜାର ସବୁଆଡ଼େ ଶ୍ରଦ୍ଧା ରହିତ ବ୍ୟକ୍ତିମାନେ ଆତ୍ମ ସର୍ବସ୍ୱ ହୋଇ ଅନ୍ୟମାନଙ୍କ ପ୍ରତି ନିର୍ଦ୍ଦୟ ହୋଇ ଉଠୁଛନ୍ତି । ସାଧାରଣ ନିରକ୍ଷର ମଣିଷଟି ସରକାରୀ ଯୋଜନାର ସୁବିଧା ଉପଲବ୍ଧି ପାଇଁ ସରକାରୀ ବାବୁମାନଙ୍କ ହାତରେ କେତେ ଯେ ହନ୍ତସନ୍ତ ହୁଏ ତାହା କାହାକୁ ବି ଅଛପା ନାହିଁ । ମଫସଲ ଅଂଚଳର ଛାତ୍ରଟିଏ ଉଚ୍ଚଶିକ୍ଷା ପାଇଁ ଯେତେବେଳେ ସହରର କୌଣସି ଏକ ମହାବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଆସେ, ତାକୁ ଯେ କେତେ ହୀନିମାନ ହେବାକୁ ପଡ଼େ ସେକଥା ସେଭଳି ଛାତ୍ରମାନେ ହିଁ ଜାଣନ୍ତି । ଜମିଜମା କାଗଜପତ୍ରରେ ତ୍ରୁଟିର ସଂଶୋଧନ ପାଇଁ ଆସିଥିବା ମଫସଲି ମଜଦୂରଟି କଚେରୀ ପରିସର ଭିତରେ ଭୟଙ୍କର ହଟହଟାର ଶୀକାର ହୁଏ । ଏସବୁ ହଟହଟା ଓ ହନ୍ତସନ୍ତ ପଛରେ ରହୁଛି ଶ୍ରଦ୍ଧା ଓ ସମ୍ବେଦନଶୀଳତାର ଅଭାବ । ଏଭଳି ସାଧାରଣ ଜନତାଙ୍କ ପ୍ରତି ସମ୍ବେଦନଶୀଳ ହୋଇ ସାହାଯ୍ୟର ହାତ ବଢ଼େଇବା ବ୍ୟକ୍ତି ସ୍ୱାର୍ଥ ସର୍ବସ୍ୱ ଅଟନ୍ତି । ଶ୍ରଦ୍ଧା ଓ ସମ୍ବେଦନଶୀଳତାର ମୂଲ୍ୟ ଅମାପ । ଶ୍ରଦ୍ଧାବାନ୍ ମଣିଷ ଯେ ଏଇ ପାର୍ଥିବ ଜଗତରେ ସ୍ୱର୍ଗ ସୁଖ ପାଇଥାଏ, ଚରମଶାନ୍ତି ଲଭିଥାଏ ସେ କଥା ସମସ୍ତେ ବୁଝିପାରିବା ଉଚିତ୍ । ଏହି ମର୍ମରେ କାହାଣୀଟିଏ । ସରକାରୀ ଚାକିରିରୁ ଅବସର ନେଲା ପରେ ଦୟାନିଧି ବାବୁ ଭାରି ନିଃସଙ୍ଗ ଅନୁଭବ କରୁଥିଲେ । ଏକ ଦୁର୍ଘଟଣାରେ ସ୍ତ୍ରୀ ଓ ପୁଅକୁ ବହୁଦିନ ପୂର୍ବରୁ ହରାଇଥିଲେ । ଅବସରକାଳୀନ ପ୍ରାପ୍ତ ଧନକୁ ଗଚ୍ଛିତ ନରଖି ସ୍ୱକୀୟ ଗ୍ରାମର ଅସହାୟ ବ୍ୟକ୍ତିମାନଙ୍କ ପାଇଁ ନିୟୋଜିତ କଲେ । ଧୀରେ ଧୀରେ ହୃଦୟଟା ତାଙ୍କର ଶ୍ରଦ୍ଧା ସଦ୍‌ଭାବନାରେ ଭରିଗଲା । ଗ୍ରାମବାସୀ ମାନଙ୍କର ଭଲପାଇବା ଏତେ ବଢ଼ିଗଲା ଯେ ଗଭୀର ନିଃସଙ୍ଗତା ବି ଦୂର ହୋଇଗଲା । ଏକ ଅଜଣା ଆନନ୍ଦରେ ସଦା ପୁଲକିତ ରହିଲେ ଦୟାନିଧି ବାବୁ । ତାଙ୍କ ଗ୍ରାମର ଜନୈକା ଅସହାୟ ବିଧବାର ପୁଅ ସୌଭାଗ୍ୟର ମେଡିକାଲ୍ ପଢ଼ାଖର୍ଚ୍ଚ ବହନ କରିବାର ପ୍ରତିଶ୍ରୁତି ଦେଲେ ଦୟାନିଧି ବାବୁ । କୃତଜ୍ଞ ହେଲେ ମାଆ-ପୁଅ । ପଢ଼ା ସରିଲା ଓ ଚାକିରିରେ ନିୟୋଜିତ ହେଲା ସୌଭାଗ୍ୟ । କିନ୍ତୁ ଶ୍ରଦ୍ଧା ଓ ସମ୍ବେଦନା ଜଡ଼ିତ ଦୟାନିଧି ସାର୍‌ଙ୍କ ସାହାଯ୍ୟକୁ ଭୁଲି ପାରିଲାନି । ନଥିଲା ସେତେବେଳେ ଦୂରଭାଷ ଯନ୍ତ୍ର । ପତ୍ର ଜରିଆରେ ସାର୍‌ଙ୍କର ଦୁଃଖସୁଖର ହିସାବ ରଖୁଥିଲା ସେ । ମାଆର ହୃଦ୍‌ଘାତ ଜନିତ ମୃତ୍ୟୁ ପରେ ଅନାଥ ସୌଭାଗ୍ୟର ବିବାହ ବନ୍ଧନ ବି ଶେଷ କଲେ ଦୟାନିଧି ସାର୍ । ବୟସ ଧୀରେ ଧୀରେ ବଢ଼ିଲା ଓ ଦୟାନିଧି ବାବୁ ଅସୁସ୍ଥ ହୋଇ ଶଯ୍ୟାଶାୟୀ ହେଲେ । ସେବା ଯତ୍ନ ପାଇଁ ତାଙ୍କ ପାଖେ ଅବା କିଏ ଆଉ ଥିଲେ ? ଅସୁସ୍ଥତା ଜାଣି ସୌଭାଗ୍ୟ ସସ୍ତ୍ରୀକ ଗାଁଆକୁ ଆସି ଦୟାନିଧି ବାବୁଙ୍କୁ ସେମାନଙ୍କ ପାଖକୁ ନେଇଗଲେ । ସେବା, ଯତ୍ନ ଓ ଚିକିତ୍ସା ପାଇ ଆରୋଗ୍ୟ ହେଲା ପରେ ଦୟାନିଧି ବାବୁ ଦିନେ କହିଲେ, "ବାପା ! ମୁଁ ତୁମ ଉପରେ ଆଉ ବୋଝ ହେବାକୁ ଚାହୁଁନି । ମୁଁ ତ ଆରୋଗ୍ୟ ହେଲିଣି । ମୋତେ ଟିକିଏ ଗାଁରେ ଛାଡ଼ି ଆସ ।" ସାର୍ ! ଆପଣ ଯଦି ମୋ ପ୍ରତି ଗଭୀର ଶ୍ରଦ୍ଧା ରଖି ପାଠ ପଢ଼ାର ଅର୍ଥ ବୋଝ ବୋହି ପାରିଲେ, ଆଜି ଆପଣଙ୍କ ସ୍ଥିତିକୁ ମୋ ଘରେ ମୁଁ କିପରି ବୋଝ ବୋଲି ଭାବିବି ? ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆପଣ ବିନା ଚିନ୍ତାରେ ଆମ ସହ ରହିବେ । ମୁଁ ଓ ମୋ ସ୍ତ୍ରୀ ଆପଣଙ୍କ ସେବାଯତ୍ନରେ ଅତ୍ୟନ୍ତ ପ୍ରୀତ ହେବୁ । ଆନନ୍ଦରେ କେଇଟୋପା ଲୁହ ଗଡ଼ିଗଲା ଦୟାନିଧି ବାବୁଙ୍କ ଆଖିରୁ । ନିଃସଙ୍ଗତା ଉପଲବ୍ଧି କରୁଥିବା ବ୍ୟକ୍ତି ଜଣକ ସତେ ଯେମିତି ସ୍ୱର୍ଗୀୟ ତୃପ୍ତି ଲାଭ କରି ବାକି ଜୀବନ କାଟିଲେ । ଶ୍ରଦ୍ଧା, ସଦ୍‌ଭାବନା ଓ ସମ୍ବେଦନଶୀଳତାର ମୂଲ୍ୟ କେବେ ବ୍ୟର୍ଥ ଯାଏନି । ଆମେରିକୀୟ ଔପନ୍ୟାସିକା ରକ୍ଷସଚ୍ଛବଭରଶ୍ୱଷ ଈରକ୍ୱଶଙ୍କ ମତରେ : There is incredible value in being of service to others. ସାହାଯ୍ୟର ହାତ ବଢ଼ାଇ ପୁଣ୍ୟ ଅର୍ଜନ କରାଯାଏ ବୋଲି ଯୁଗେ ଯୁଗେ କୁହାଯାଇଛି । ଆଜି ସମାଜରେ ଆଗଣିକ ବ୍ୟକ୍ତି ସ□ା ଏ କଥାର ମର୍ମ ବୁଝୁଥିଲେ ବି କାର୍ଯ୍ୟକାରୀ କରିବାର ମାନସିକତା ହଜାଇ ବସିଛନ୍ତି । ଯେଉଁଥିପାଇଁ ଅସହାୟ ବ୍ୟକ୍ତିଙ୍କର ଆକୁଳତା ବଢ଼ି ଚାଲିଛି । ଶ୍ରଦ୍ଧାପ୍ଳୁତ ସାହାଯ୍ୟ ନପାଇ ସେମାନେ ହନ୍ତସନ୍ତ ହେଉଛନ୍ତି । ଅକୁଣ୍ଠ ଶ୍ରଦ୍ଧା ଓ ସାହାଯ୍ୟ ଦେଇ ଶିଖିଥିବା ବ୍ୟକ୍ତି ଯେ ପ୍ରତିବଦଳରେ ଅନେକ କିଛି ପାଇଥାଏ, ଏକଥା ବି ଏ ଲେଖକର ବିଶ୍ୱାସ । ଆମେରିକାର ପ୍ରସିଦ୍ଧ ବକ୍ତା ଓ ଲେଖକ Walter Dyer ବି କହିଛନ୍ତି: The more we give away, the more is given to us.

*ଅବସରପ୍ରାପ୍ତ, ଇଂରାଜୀବିଭାଗ ମୁଖ୍ୟ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର, ମୋ-୯୯୩୭୮୬୧୭୭୪*

ଗଳ୍ପ

# ଅବୁଝା ବୟସର ଶେଷ ଚିଠି



◆ ରଣଜିତ୍ ପରିଡା

ସନ୍ଧ୍ୟାର ମଳିନ ଆଲୋକରେ ନିଜ ଡାଏରୀର ପୃଷ୍ଠା ଓଲଟାଉଥିଲା ଶେଫାଳୀ । ସେଥିରେ ଲେଖା ଥିଲା ଅସରନ୍ତି କିଛି ସ୍ୱପ୍ନ, କିଛି ହସ ଓ ଜଣେ ପ୍ରିୟ ମଣିଷର ନାମ । ବାପାଙ୍କର ଅତି ଅଲିଅଳି ସାନ ଝିଅ ଥିଲା ଶେଫାଳୀ । ଜେଜେମା ହାରାମଣି ଗଲା ଦିନଠାରୁ ଜେଜେମାର ଅଭାବକୁ ବାପା ସୁବୋଧ ସବୁବେଳେ ପୂରଣ କରିଆସୁଥିଲେ । ଘରର ସାନ ଝିଅ ସେଥିପାଇଁ ବହୁ ଗେହ୍ଲା ବସରରେ ବଢୁଥିଲା ଶେଫାଳୀ । ବାପାଙ୍କ ସହିତ କ୍ଷେତବାଡ଼ି ଠାରୁ ଆରମ୍ଭ କରି ଦୋକାନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ସାହାଯ୍ୟ କରିଥାଏ ଶେଫାଳୀ । ଏମିତିରେ ବି ବାପାଙ୍କ ସହ ଘାସକଟା, ଛେଳିଚରେଇବା, ଧାନରୋଇବା ନିମନ୍ତେ ତଳି ମୁଣ୍ଡରେ ବହିନେଇ କ୍ଷେତରେ ମୁଲିଆମାନଙ୍କୁ ଦେବା ଇତ୍ୟାଦି ବହୁ କାମ କରିବା ସହ ମାଆଙ୍କୁ ଘରର ରୋଷେଇବାସ, ଗୁହାଳ କାମରେ ମଧ ସାହାଯ୍ୟ କରୁଥାଏ । ଅବଶ୍ୟ ସ୍କୁଲର ସବୁ ପିଲାଙ୍କ ଠାରୁ ଶେଫାଳୀ ଏତେ ଭଲ ପାଠ ପଢୁନଥିଲା କିନ୍ତୁ ତା'ର କମ୍ ବୟସ ହେଲେ ମଧ ବିଚକ୍ଷଣା ବୁଦ୍ଧି, ଅତି ଚତୁର, ସାହସୀ ଏବଂ ପରଉପକାରୀ ଥିଲା । ଏଥିପାଇଁ ସ୍କୁଲରେ ସାରଦିଦି ମାନେ ଶେଫାଳୀକୁ ପାଠପଢାରେ ନୁହଁ ତା'ର ଭଲ କାର୍ଯ୍ୟଗୁଡିକ ଦେଖି ସବୁବେଳେ ପ୍ରଶଂସା କରୁଥିଲେ । ସମୟର ସ୍ରୋତରେ ଧୀରେ ଧୀରେ ଶେଫାଳୀ ବଡ ହେଲା । ମେଟ୍ରିକ୍‌ରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହେଲା । ଝିଅର ଏଇ ମାର୍କକୁ ନେଇ ବାପାଟିକେ ମନଉଣା କରୁଥିଲେ । ବଡ଼ଝିଅ ଭଲ ପାଠପଢା ସହିତ ବିଭିନ୍ନ କ୍ଷେତ୍ରରେ ବିଜୟ ଲାଭ କରୁଥିବା ହେତୁ ବାପା ବଡ଼ଝିଅକୁ ସ୍ନାତକୋତର କରିବା ପାଇଁ ବାରିପଦା ସହରକୁ ପଠାଇଲେ । ବଡ଼ଝିଅର ଏହିଭଳି କାର୍ଯ୍ୟଦକ୍ଷତାକୁ ଦେଖି ବାପା ବହୁତ ଖୁସି ଏବଂ ଗର୍ବ ଅନୁଭବ କରୁଥିଲେ । ସାନଝିଅର ପାଠପଢାର ଦୁର୍ବଳତାକୁ ନେଇ ବାପା ପାଖ କଲେଜରେ +୨ କଳାରେ ଏଡିମିଶନ କରେଇଲେ । ଭାସମାନ ମେଘଖଣ୍ଡ ଗୁଡିକର ଆଲିଙ୍ଗନତା ଯେପରି ଆକାଶରେ ଶୋଭାପାଏ ପବନର ପ୍ରଖର ବେଗରେ ସେହିପରି ସେଦିନ ସେ ଝଡବର୍ଷା ସନ୍ଧ୍ୟାର ମିଞ୍ଜିମିଞ୍ଜି ଅନ୍ଧାରରେ କଲେଜରୁ ସନ୍ଧ୍ୟାରେ ଫେରି ବସ୍ ଷ୍ଟପ୍ ରେ ବାପାଙ୍କୁ ଅପେକ୍ଷା କରିଥାଏ ଶେଫାଳୀ । ବର୍ଷା ହୁଏତ କମିଯାଇଥାଏ କିନ୍ତୁ ମିଞ୍ଜିମିଞ୍ଜି ଅନ୍ଧାର ସାଙ୍ଗକୁ ଜୋର୍ ବେଗରେ ପବନ ହେଉଥାଏ, ସେଥିପାଇଁ ବୋଧହୁଏ ବାପାଙ୍କର ଶେଫାଳୀକୁ ନେବାକୁ ଆସିବାରେ ବିଳମ୍ବ ହେଉଥାଏ । ହଠାତ୍ ସେହି ସମୟରେ କୃଷ୍ଣବର୍ଣ୍ଣର ଛଅଫୁଟ ଲମ୍ବର ପତଳା ଶରୀର ବିଶିଷ୍ଟ ଯୁବକଟିଏ ଆସି ପଛରୁ ଶେଫାର କାନ୍ଧ ଉପରେ ହାତ ରଖି କହିଲା ମୁଁ ତୁମର ସାହାଯ୍ୟରେ ଆସିପାରିବିକି ? ଚମକିପଡ଼ି ଛାତିରେ ଛିପ ପକାଇ ଶେଫା କହିଲା କିଏ ? ଉତରରେ....ମୁଁ ଜିତୁ । କେଉଁ ଜିତୁ ? କିଏ ଜିତୁ ? ତୁମେ ଜାଣି ପାରୁନାହିଁ ଶେଫା । ସେଦିନର ସେ ଚିଠିକୁ ମୁଁ ଆଜିଯାଏ ବି ସାଇତି ରଖିଛି । ଆଉ ମୁଁ ଦେଇଥିବା ମୋବାଇଲକୁ ଆଉ ମୋ ହାତ ଲେଖା ଚିଠିକୁ ତୁମେ ତୁମ ଡାଏରୀରେ ରଖିଛ ନା ଶେଫା । ଶେଫା ନିର୍ବାକ ଭାବରେ ଆଖି ଛଳଛଳ ହୋଇ ନିଜ ଦାନ୍ତରେ ଓଠକୁ ଚାପି ଯେମିତି ହଜାର ବର୍ଷର ସମସ୍ତ କଥା ସେ ଜିତୁ ନିକଟରେ ଅଜାଡି ଦେବାକୁ ଚାହେଁ କିନ୍ତୁ ଠିକ ସେହି ସମୟରେ ବାପା ଆସି ପହଁଚିଲେ ଆଉ ହରି ସାଙ୍ଗେ ନିଜ ଝିଅକୁ ସେଠାରେ ଦେଖି ରାଗରେ ରକ୍ତ ଚାଉଳ ଚୋବାଇବା ପରି କୋଣେଇକି ଜିତୁକୁ ଅନାଇ ଶେଫାକୁ ଗାଡି ପଛରେ ବସ୍ କହି ଘରକୁ ଚାଲିଗଲେ ଘରେ ପହଂଚି ପୂର୍ବପରି ସେଇ ମାଡ, ଗାଳି, ସନ୍ଦେହର ସୁଅ ପୁନର୍ବାର ଛୁଟି ଉଠିଲା । ଯେଉଁ ବୟସରେ ଅବାଟକୁ ଯାଉଥିବା ଝିଅକୁ ନିଜ ସାଙ୍ଗ ଭଳି ତା'ସହ କଥାବାର୍ତା, ବ୍ୟବହାର ଦେଖାଇ ବୁଝାଇବା ଉଚିତ୍, ତା ପରିବର୍ତେ ବାପା ଶେଫାକୁ ଅଯଥାରେ ସନ୍ଦେହ କରି ବହୁତ ପିଟାମରା ସବୁବେଳେ କରିଥିଲେ । ଦିନଥିଲା ଅଲିଅଳି, ସ୍ନେହୀ, ଗେହ୍ଲପସରିଆ ଶବ୍ଦଟି ଆଜି ରାଗହିଂସା, ସନ୍ଦେହ ରେ ପରିଣତ ହୋଇଯାଇଛି । ଶେଫାର ଆଖିର ଲୁହକୁ କେହି ପଢି ପାରିଲେ ନାହିଁ । ଅପମାନ, ମାଡର ଜ୍ୱାଳାରେ ଦିନକୁ ଦିନ ଶେଫାଳୀକୁ ସହ୍ୟ କରିବାକୁ କଷ୍ଟକର ହୋଇ ପଡୁଥାଏ । ସୁବୋଧବାବୁ ଘୋର୍ ଚିନ୍ତିତରେ ମଥାରେ ହାତ ଦେଇ ବସି ଝିଅ କଥା ଭାବି ଭାବି, ଲୋକହସା, ନିନ୍ଦା, ଅପମାନ ଛି ଛାକର ଏସବୁ ମନରେ ଘାଂଟି ହୋଇ ସିଦ୍ଧାନ୍ତ ନେଲେ ଯେ, ବନ୍ଧୁବର୍ଗ ଏବଂ ସାଇପଡିଶାଙ୍କ ସହ କଥା ହେବେ । ପରଦିନ ସକାଳେ ସେମାନଙ୍କର ପରାମର୍ଶ କ୍ରମେ ସେହି ପୁଅ ଜିତୁକୁ ଡାକି ପଚାରିଲେ ଦେଖ ପୁଅ ଏମିତି ଲୋକହସା କାମ ନ କରି ଯେମିତି ବୈଦିକ ରୀତିନୀତି ଅନୁଯାୟୀ ବାହାଘର ପ୍ରସ୍ତାବ ନେଇ ଆସନ୍ତି ତୁମେ ସେମିତି ଆସ, ଆଉ ଶୁଭ ଦିନ ଦେଖି ଆମେ ବାହାଘର କରିଦେବା । କ'ଣ ଭାବୁଚ ଜିତୁ ? ମୋ ଝିଅକୁ ବିବାହ କରିବ ? ହଠାତ୍ ଆସିଥିବା ସେହି ପ୍ରଶ୍ନରେ ଜିତୁ ଭୟ ପାଇ ମନା କରିଦେଲା । ସେ ହୁଏତ ବିବାହ ପାଇଁ ପ୍ରସ୍ତୁତ ନଥିଲା, କିନ୍ତୁ ସେହି ଉତର ଶେଫାଳୀର ହୃଦୟକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଦେଲା । ସେଇକ୍ଷଣି ଜିତୁ ସେଇଠୁ ଗଲା ପରେ, ସେ ଦେଇଥିବା ସମ୍ପର୍କର ସେତୁ ମୋବାଇଲକୁ ବାପା ରାଗରେ କଚାଡି ଭାଙ୍ଗିଦେଲେ । ଆଉ ଥରେ ମୁଁ ଜିତୁ ସହିତ କଥା ହେବି ବାପା, ଶେଫା ଯେତେ କାକୁତି ମିନତି ହେଲେ ମଧ ବାପା କିଛି ନ ଶୁଣି ଝିଅକୁ ନେଇ ଏକ କୋଠରୀରେ ବନ୍ଦ୍ କରିଦେଲେ । ସେଦିନ ରାତିଟି ଶେଫା ପାଇଁ ଥିଲା ଅସହ୍ୟ । ଅଭିମାନ, ଅପମାନ ଓ ନିରାଶାରେ ସେ ଏକ ଭୁଲ ନିଷ୍ପତି ନେଲା । ସକାଳୁ ଉଠି ବାପା କାମକୁ ଯିବା ପୂର୍ବରୁ ଶେଫାର ବନ୍ଦ୍ କୋଠରୀଟି କୁ ଖୋଲି ଦେଇ ଗଲାପରେ, ଶେଫା ଘରୁ ସାଙ୍ଗେ ସାଙ୍ଗେ ବାହାରି ଆସି ସିଢ଼ି ଘରର ତାଳରୁଅରେ ନିଜ ଓଢଣୀକୁ ବେକରେ ବାନ୍ଧି ଫାଶୀଟାଙ୍ଗୀ ନିଜଜୀବନକୁ ହାରିଦେଲା । ହଠାତ୍ ଶୋକର ଛାୟା ଖେଳିଗଲା ଶେଫାର ଘର ଅଗଣାରେ । ତା'ର ମୃତ୍ୟୁ ପରେ କେବଳ କାନ୍ଦ, ଅନୁତାପ ଓ ନୀରବତା ରହିଗଲା । ଯେଉଁ ଘରେ ଗତକାଲି ରାଗର ସ୍ୱର ଥିଲା, ସେହି ଘରେ ଆଜି କେବଳ ଅନୁତାପର ଛାୟା । ତା' ସାଙ୍ଗକୁ ଶେଫାର ହାତ ମୁଠାରେ ଚାପି ହୋଇ ରହିଥିଲା ଜିତୁ ପାଇଁ ପ୍ରେମର ପରିଭାଷା ସେଇ ଅବୁଝା ବୟସର ଶେଷ ଚିଠି ।

*ଶ୍ୟାମାନନ୍ଦପୁର, ମୟୁରଭଞ୍ଜ , ଯୋଗାଯୋଗ -୯୩୪୮୮୭୮୫୬୫*

# ରେଶମ ସହରରେ ପ୍ରଥମଥର ପାଇଁ ଉଦ୍‌ଘାଟନ ହେଲା ବ୍ରହ୍ମପୁର ଫଟୋଗ୍ରାଫର୍ସ କ୍ରିକେଟ୍ ଲିଗ୍ ୨୦୨୬ କ୍ରିକେଟ୍ ଟୁର୍ଣ୍ଣାମେଂଟ



ବ୍ରହ୍ମପୁର(ନି.ପ୍ର.) : ଓଡ଼ିଶା ତଥା ବ୍ରହ୍ମପୁରରେ ପ୍ରଥମ ଥର ପାଇଁ ଶୁଭାରମ୍ଭ ହୋଇଯାଇଛି ବ୍ରହ୍ମପୁର ଫଟୋଗ୍ରାଫର୍ସ କ୍ରିକେଟ୍ ଲିଗ୍ ୨୦୨୬ କ୍ରିକେଟ୍ ଟୁର୍ଣ୍ଣାମେଂଟ । ବ୍ରହ୍ମପୁର ଫଟୋଗ୍ରାଫର ୟୁଥ କ୍ଲବ (ଈଚଣଉ) ତରଫରୁ ସହରର ମହାତ୍ମାଗାନ୍ଧୀ ଷ୍ଟାଡ଼ିୟମ ପରିସରରେ ଆୟୋଜିତ ଦ୍ୱିଦିବସୀୟ କ୍ରିକେଟ ଟୁର୍ଣ୍ଣାମେଂଟର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଙ୍କ ସମେତ ବ୍ରହ୍ମପୁର ମେୟର ସଙ୍ଘମିତ୍ର ଦଳେଇ ,ଡେପୁଟି ମେୟର ଇ.ବିବେକ ରେଡି ,ଅର୍ବାନ ବ୍ୟାଙ୍କ ସଭାପତି ଆର୍. ମୁରଲୀ ମୋହନ ଏବଂ ବ୍ରହ୍ମପୁର ଫୋଟୋଗ୍ରାଫର ଗ୍ୟାଲେରୀର କିର୍ତିଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବ୍ରହ୍ମପୁର ବିଧାୟକ ନିଜର ବକ୍ତବ୍ୟରେ ବ୍ରହ୍ମପୁର ଫଟୋଗ୍ରାଫର ୟୁଥ୍ କ୍ଲବ୍ ପକ୍ଷରୁ ଯେପରି ଭାବରେ ନିଜର ବ୍ୟସ୍ତତା ମଧ୍ୟରେ ସମୟ ବାହାର କରି ଏଭଳି ଟୁର୍ଣ୍ଣାମେଂଟ କୁ ଆୟୋଜନ କରିଛନ୍ତି ତାହାକୁ ନେଇ ସାଧୁବାଦ ଜଣାଇବା ସହିତ ବର୍ତମାନ ସମୟରେ ଏଭଳି କ୍ରିକେଟ ଟୁର୍ଣ୍ଣାମେଂଟ କରିବା ବହୁତ କଷ୍ଟ ବୋଲି କହିବା ସହିତ ଆୟୋଜକ ମାନେ ବହୁତ ସୁନ୍ଦର ଆୟୋଜନ କରିଥିବା କହିଛନ୍ତି । କାର୍ଯ୍ୟକ୍ରମରେ ବ୍ରହ୍ମପୁର ମେୟର ଶ୍ରୀମତି ଦଳେଇ ଯୋଗ ଦେଇ ଏପରି ଫୋଟୋଗ୍ରାଫର ମାନଙ୍କ ଏଭଳି ଆୟୋଜନ ନେଇ ନିଜକୁ ଗର୍ବ ଅନୁଭବ କରୁଥିବା କହିବା ସହିତ ଦୁଇ ଦିନ ଧରି ଏହା ଆୟୋଜନ ହେଉଥିବା ବେଳେ ଏପରି ଟୁର୍ଣ୍ଣାମେଂଟର ଆୟୋଜନରେ ଭାଇଚାରା ତିଆରି ହେବ ତାହା ସୁସ୍ଥ ସମାଜ ଗଠନ ପାଇଁ ସହାୟକ ହେବ ବୋଲି କହିଛନ୍ତି । ସେହିପରି କାର୍ଯ୍ୟକ୍ରମରେ ଯୋଗ ଦେଇ ଡେପୁଟି ମେୟର ମଧ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଫୋଟୋଗ୍ରାଫର ଙ୍କ ମଧ୍ୟରେ ଏକତା ସୃଷ୍ଟି ର ଏକ ଉଦାହରଣ ବୋଲି କହିଥିଲେ । ଚଳିତ ବର୍ଷର ଏହି 'ବ୍ରହ୍ମପୁର ଫଟୋଗ୍ରାଫର୍ସ କ୍ରିକେଟ୍ ଲିଗ୍ ୨୦୨୬'ରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି । ଏହି ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । 'ଗ୍ରୁପ୍-ଏ'ରେ ଥିବା ଦଳଗୁଡ଼ିକ ହେଲେ- ଜେଏଚଭି ଫଟୋଗ୍ରାଫି , ଚନ୍ଦନ ଭିଡିଓ , କାହ୍ନୁ ଫଟୋଗ୍ରାଫି ଏବଂ ଷ୍ଟୋରିଜ୍ ବାଏ ସାଦି ମୁବାରକ୍ । ସେହିପରି 'ଗ୍ରୁପ୍-ବି'ରେ ଦି ୱେଡିଂ କ୍ଲିକର , ଏମ୍.ଏସ୍ ଫଟୋଗ୍ରାଫି , ୨୪ ପିକ୍ସେଲ (୨୪ ଚସଙ୍ଘରକ୍ଷ) ଏବଂ ଏ.ଆର୍ ଫଟୋଗ୍ରାଫି ନିଜର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ପ୍ରତ୍ୟେକ ଟିମ୍ ତିନୋଟି ମ୍ୟାଚ୍ ଖେଳିବା ସହିତ ଛଅ ଓଭର ବିଶିଷ୍ଟ ଫାଟାଫାଟ ମ୍ୟାଚ୍ ଖେଳାଯିବ । ଆସନ୍ତା ଅକ୍ଟୋବର ୪ ତାରିଖ ସନ୍ଧ୍ୟାରେ ଏହି ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ସହ ଗ୍ରାଣ୍ଡ ଫିନାଲେ ତଥା ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ । ଏହି ଟୁର୍ଣ୍ଣାମେଂଟକୁ ବ୍ରହ୍ମପୁର ଫଟୋଗ୍ରାଫର୍ସ ୟୁଥ୍ କ୍ଲବ୍‌ର କର୍ମକର୍ତା କାହ୍ନୁଚରଣ ଚୌଧୁରୀ, ମିଥୁନ ସ୍ୱାଇଁ, ସୁମିତ କୁମାର ପଣ୍ଡା, ଏସ୍ ଅନିଲ କୁମାର ରାଓ, ସୁମିତ ଚୌଧୁରୀ ଙ୍କ ସମେତ ବହୁ ଫଟୋଗ୍ରାଫର ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ପ୍ରମୁଖ ସହଯୋଗ କରିଥିବା ବେଳେ କାର୍ଯ୍ୟକ୍ରମର ମିଡିଆ ସଂଯୋଜକ ଚିକୁ ପ୍ରତିନିଧି ଙ୍କ ସମେତ ସହରର ବହୁ ଗଣମାଧମ ପ୍ରତିନିଧି, ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଏହି ଟୁର୍ଣ୍ଣାମେଂଟରେ ଯୋଗଦାନ କରିଥିଲେ ।

# ସହର ତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଗୁରୁତ୍ୱପୂର୍ଣ୍ଣ କୋର କମିଟି ବୈଠକ

ବ୍ରହ୍ମପୁର(ନ.ପ୍ର.) : ସହରତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ଜରୁରୀ କୋର କମିଟି ବୈଠକ ବ୍ରଜନଗର ସ୍ଥିତ କମିଟି ସଭାପତି ଶ୍ରୀ ସଞ୍ଜୀବ କୁମାର ପଟ୍ଟନାୟକଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ନିମ୍ନଲିଖିତ କାର୍ଯ୍ୟସୂଚୀ ଉପରେ ଆଲୋଚନା ହୋଇଥିଲା କ୍ଷ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଉଭୟ ମହାନ ନେତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଗାନ୍ଧୀଜୀଙ୍କ ସ୍ୱଚ୍ଛ ଭାରତ ସ୍ୱପ୍ନ ଓ ଶାସ୍ତ୍ରୀଜୀଙ୍କ ଜୟ ଜୱାନ ଜୟ କିସାନ ଜୟ ଇନସାନ ନାରାକୁ ନେଇ ବାହାନା ନାଳ ସଫେଇ , ପୁନରୁଦ୍ଧାର, ପୁନର୍ନିର୍ମାଣ ଅଭିଯାନକୁ କିପରି ଆଗକୁ ନିଆଯିବ ସେ ନେଇ ସଂକଳ୍ପ ପାରିତ କରାଗଲା ସାଂଗଠନିକ ସମୀକ୍ଷା , ସହର ତଳି ଅଂଚଳ ମିଶ୍ରଣ ନେଇ ଚାଲିଥିବା ପ୍ରସାଶନିକ ସ୍ତରରେ କାର୍ଯ୍ୟକ୍ରମ ଓ ବାହାନା ନାଳ ରିନୋଭେସନ ତଥା ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବି ପତ୍ରର ସ୍ଥିତି, ଗଣମାଧ୍ୟମରେ ଏହାର ପ୍ରଭାବ ଓ ପରବର୍ତୀ ରଣନୀତି ଉପରେ ଆଲୋଚନା ହେଇଥିଲ । ୧୪ କି.ମି ବାହାନା ନାଳକୁ ବନ୍ୟାମୁକ୍ତ ଓ ରିଙ୍ଗ ରୋଡ୍ କରିବା ଦାବିକୁ କିପରି ଗାଁ ଗାଁରେ ପହଂଚାଇବା ସେ ନେଇ ଯୋଜନା ହେବ । ସେହିପରି ଆଗାମୀ ଦିନରେ ପ୍ରସ୍ତାବିତ ଶକ୍ତିନଗରର ମେଗା ପଂଚାୟତ ସ୍ତରୀୟ ବୈଠକର ପ୍ରସ୍ତୁତି ନେଇ ଆଲୋଚନା କରାଯାଇ ଏଥି ନିମନ୍ତେ ଦାୟିତ୍ୱ ବଂଟା ଯାଇଥିଲା । ଆସନ୍ତା ଦିନରେ ଶକ୍ତିନଗର ଠାରେ ହେବାକୁ ଥିବା ତୃତୀୟ ପଂଚାୟତ ସ୍ତରୀୟ ବୃହତ ଜନସଭାର ରୂପରେଖ ପ୍ରସ୍ତୁତ କରାଯାଇଥିଲା । କେଉଁ କେଉଁ ଅଂଚଳରୁ କେତେ ଲୋକ ଆସିବେ, ପ୍ରଚାର ପ୍ରସାର, ମଂଚ ଓ ନିମନ୍ତ୍ରଣ ଦାୟିତ୍ୱ ବଂଟନ କରାଯାଇଥିଲା । ଆଜିର ବୈଠକରେ ସଭାପତିଙ୍କ ବ୍ୟତିତ ଉପସଭାପତି ଦେବୀ ପ୍ରସାଦ ଦାସ, କୋଷାଧକ୍ଷ ଏମ୍ ଲାବଣ୍ୟ ପାତ୍ର,କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, ଉପ ସଂଗଠନ ସମ୍ପାଦକ ଶ୍ରୀମନ୍ତ ପାଣିଗ୍ରାହୀ, ସହ ସଂଗଠନ ସମ୍ପାଦକ ସନ୍ତୋଷ ସାହୁ, ସଂଯୋଜକ ସି ଏଚ ରାମ କ୍ରିଷ୍ଣା ଦାସ, ସଂଗଠନ ସମ୍ପାଦକ ଲକ୍ଷ୍ମୀ କାନ୍ତ ଜେନା , ସହ କୋଷାଧକ୍ଷ ସୁନିଲ ପାତ୍ର ଉପଦେଷ୍ଟା ପ୍ରବୀଣ କୁମାର ପଟ୍ଟନାୟକ, ଯୋଗୀନ୍ଦ୍ର ବକ୍ସି, ଜ୍ୟୋତି ରଞ୍ଜନ ସାହୁ ଓ ପ୍ରଶାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଅନ୍ୱେଷା ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଉତ୍ସବ ପାଳିତ



କଟକ: (ନି ପ୍ର) କଟକର ମାଳିସାହିସ୍ଥିତ ଶାନ୍ତି ନଗରରେ ଏନ ଜି ଓ ଅନ୍ୱେଷା ଯିଏକି ଅଗ୍ରଣୀ ସାମାଜିକ ଉନ୍ନତି ପାଇଁ ସର୍ବଦା କାର୍ଯ୍ୟ କରୁଅଛି । ଏହି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜନ୍ମବାର୍ଷିକୀ ପାଳିତ ହୋଇ ଯାଇଛି ।ଅନ୍ୱେଷାର ପ୍ରତିଷ୍ଠାତା ତଥା ସମ୍ପାଦିକା ଡକ୍ଟର କାବ୍ୟଲତା ରାଉତ ଏହି ବୈଠକର ଆୟୋଜନ କରିଥିଲେ । ଏହି ପବିତ୍ର ଦିନରେ ବିଭିନ୍ନ କୋଣରୁ ଅନେକ ବୀର ନେତା ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଭେଟେରାନ୍ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ବ୍ରଜ କିଶୋର ରାଉତ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ ।ଏହା ବ୍ୟତୀତ ଜଷ୍ଟିସ୍ ମୋନୋରଜନ ମହାନ୍ତି, ଡ.ବିଶ୍ୱଜିତ୍ ରୟ, କେ ଏମ ସି ମେୟର ଶ୍ରୀ ସୁବାଷ ଚନ୍ଦ୍ର ସିଂହ, ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାମନ୍ତରାୟ, ଶ୍ରୀ କୃଷ୍ଣ ଚନ୍ଦ୍ର ସାମନ୍ତରାୟ, ଆଇନଜୀବୀ ଶ୍ରୀ ଦେବାଶିଷ ସାମଲ, ସାହି ଅଧିକାରୀ ଗୌତମ ପରିଡ଼ା, ଶ୍ରୀଯୁକ୍ତ ବିଶ୍ୱନାଥ ମହାନ୍ତି, ଡ କାମଦେବ ମହାରଣା, ଶ୍ରୀ ବିଶ୍ୱଜିତ ସୂ ର୍ଯ୍ୟବଂଶୀ, ଶ୍ରୀ ରାଜ କିଶୋର ବେହେରା ପ୍ରମୁଖ ସେଠାରେ ଉପସ୍ଥିତ ହୋଇ ମହାତ୍ମା ଗାନ୍ଧିଜୀଙ୍କ ନୀତି ଆଦର୍ଶ ତଥା ସତ୍ୟ ଅହିଂସା ଓ ଈଶ୍ୱର ବିଶ୍ୱାସ ବଳରେ କିପରି ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ମଧ ଭେଟେରାନ ଫ୍ରିଡମ ଫାଇଟର ଗାନ୍ଧୀଙ୍କ ସମର୍ପଣ ବିଷୟରେ ଆଲୋଚନା କରିଥିଲେ ଏବଂ ସେ କୃତଜ୍ଞତା ଜଣାଇଥିଲେ ଯେ ଗାନ୍ଧଜୀ ଯୀଶୁ,କୃଷ୍ଣ, ଓ ବୁଦ୍ଧଙ୍କ ପରି ଅବତାର ପୁରୁଷ ଥିଲେ ।ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର କେତେକ ସ୍ମୃତି ମନେ ପକାଇ ବକ୍ତବ୍ୟରେ କହିଥିଲେ । ଶେଷରେ ପ୍ରତିଷ୍ଠାତା ଡକ୍ଟର କାବ୍ୟଲତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।




# ରକ୍ତଦାନ ଶିବିର ଅନୁଷ୍ଠିତ

ନୀଳଗିରି(ନିପ୍ର): ନୀଳଗିରି ଉପଖଣ୍ଡ ଅଧିନ ତଥା ଔପଦା ବ୍ଲକ୍ ବାଉଁଶବଣିଆଁ ପଂଚାୟତ, ସାନପାଟପୁର ଗ୍ରାମର ସାନପାଟପୁର ଉଚ୍ଚ ନୋଡାଲ ପରିସରରେ ପୁରାତନ ଛାତ୍ର ସଂସଦ ତରଫରୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି ପୁରାତନ ଛାତ୍ର ସଂସଦର ସଭାପତି ଡଃ.ଉପେନ୍ଦ୍ର ପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରକ୍ତ ଶିବିରକୁ ନୀଳଗିରି ରକ୍ତ ଦାତା ସଂଘର ଉପଦେଷ୍ଟା ତଥା ନୀଳଗିରି ଘଇଉର ଭାରାପ୍ରାପ୍ତ ଚେୟାରମ୍ୟାନ୍ ମହେନ୍ଦ୍ର ନାଥ ବେହେରା ଉଦଘାଟନ କରିବା ସହିତ ରକ୍ତଦାନର ମହତ୍ୱ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ରକ୍ତଦାତା ସଂଘର ସଭାପତି ସୁରଞ୍ଜନ ମହାପାତ୍ର ପୁରାତନ ଛାତ୍ର ସଂସଦର ମୁଖ୍ୟ ଉପଦେଷ୍ଟା ତଥା ବାଉଁଶବଣିଆ ସରପଂଚ ନିରଞ୍ଜନ ବାରିକ ରକ୍ତଦାତା ସଂଘର ଉପଦେଷ୍ଟା ମାୟାଧର ମହାନ୍ତି ସଂଗଠନ ସଂପାଦକ ଜନ୍ମଜୟେ ପଟ୍ଟନାୟକ କ୍ରିଡ଼ା ସଂପାଦକ ମନରଂଜନ ମହାନ୍ତି ପ୍ରସାର ପ୍ରଚାର ସଂପାଦକ ଶନୈଷ୍ଟ ରଂଜନ ବେହେରା, କୋଷାଧ୍ୟକ୍ଷ କପିଳ ଚନ୍ଦ୍ର ଭୂୟାଁ, ବିଦ୍ୟାଧର ପ୍ରଧାନ ଉପସ୍ଥିତ ଥିଲେ । ଶିବରରେ ମୋଟ୨୮ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ସମ୍ପ୍ରତି ଥାଲାସେମିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ହୋଇ ଚାଲି ଥିବାରୁ ରକ୍ତର ଆବଶ୍ୟକତାକୁ ଲକ୍ଷ୍ୟ ରଖି ଏହି ଶିବିର ଆୟୋଜିତ ହୋଇଥିଲା । ଶିବରରେ ବିକାଶ ସାହୁ, ସମ୍ପିତ ଗିରି, ଅତୁଲ ପାତ୍ର, ଅନିରୁଦ୍ଧ ବେହେରା, ଲୋକନାଥ ସ, ମାନସ ପାୟଲ, ମୁକ୍ତିକାନ୍ତ ପାତ୍ର, ରାଧାଶ୍ୟାମ ଦାସ, ପ୍ରକାଶଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ ।

# ଗ୍ରାମସଭାରେ ଜଳବାୟୁ ସହନଶୀଳ କୃଷି ଉପରେ ଗୁରୁତ୍ୱ

ମାଲକାନଗିରି(ନିପ୍ର): ଜଳବାୟୁ ପରିବର୍ତ୍ତନର ବଢୁଥିବା ପ୍ରଭାବ ମଧ୍ୟରେ କୃଷକଙ୍କ ଜୀବିକାକୁ ସୁରକ୍ଷିତ ରଖିବା, କୃଷି ଉତ୍ପାଦନକୁ ସ୍ଥିର କରିବା ଏବଂ କୃଷକଙ୍କ ଆୟ ବୃଦ୍ଧି କରିବା ପାଇଁ ଜଳବାୟୁ ସହନଶୀଳ କୃଷି ଓ ପ୍ରାକୃତିକ କୃଷି ପଦ୍ଧତି ଅବଲମ୍ବନ ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ମାଲକାନଗିରି ବ୍ଲକ୍‌ର ବି.ଏଲ୍.ପୁର ଗ୍ରାମ ପଂଚାୟତରେ ଅନୁଷ୍ଠିତ ଗ୍ରାମ ସଭାରେ କୃଷକ ଓ ଗ୍ରାମବାସୀଙ୍କୁ ନେଇ ଜଳବାୟୁ ପରିବର୍ତ୍ତନ ଓ ଏହାର କୃଷି ଉପରେ ପ୍ରଭାବ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା । ପ୍ରଧାନମନ୍ତ୍ରୀ ଧନ ଧାନ୍ୟ ଯୋଜନା ଅଧୀନରେ ଟଘଉଚ ସହାୟତାରେ ପଲ୍ଲୀ ବିକାଶ ପକ୍ଷରୁ ନୂଆପଡ଼ା ଓ ମାଲକାନଗିରି ଜିଲ୍ଲାରେ କୃଷକଙ୍କ ଆୟ ବୃଦ୍ଧି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଇକୋ ସିଷ୍ଟମ୍‌କୁ




ଆଧାର କରି କୃଷକଙ୍କୁ ସଂଗଠିତ କରିବା, ଆଧୁନିକ ଓ ଟିକସାଇ କୃଷି ପଦ୍ଧତି ସମ୍ପର୍କରେ ସଚେତନ କରିବା, କୃଷି ଖର୍ଚ୍ଚ କମାଇବା ଏବଂ ବଜାର ସହ କୃଷକଙ୍କ ସଂଯୋଗ ବୃଦ୍ଧି କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଏହି ପ୍ରକଳ୍ପ ଅଧୀନରେ କାର୍ଯ୍ୟରତ ମାଲିକେଶ୍ୱରୀ କୃଷକ ଉତ୍ପାଦକ ସଂଗଠନ ସଦସ୍ୟମାନେ ମଧ ଗ୍ରାମସଭାରେ ଅଂଶଗ୍ରହଣ କରିଥିଲେ । ସଦସ୍ୟମାନେ ନିଜ ଅଂଚଳର କୃଷକଙ୍କ ସମସ୍ୟା, କୃଷିରେ ଦେଖାଦେଉଥିବା ପରିବର୍ତ୍ତନ ଏବଂ ଜଳବାୟୁଜନିତ ଆହ୍ୱାନ ସମ୍ପର୍କରେ ଆଲୋଚନାରେ ସାମିଲ ହୋଇଥିଲେ । ଏହି ଅବସରରେ ପଲ୍ଲୀବିକାଶର ପ୍ରକଳ୍ପ ସଂଯୋଜକ ଶ୍ରୀ ଜଗନ୍ନାଥ ବୋସୁ ଗ୍ରାମ ସଭାରେ ଯୋଗଦେଇ ଜଳବାୟୁ ସହନଶୀଳ କୃଷି, ପ୍ରାକୃତିକ କୃଷି ଏବଂ ଟିକସାଇ କୃଷି ପଦ୍ଧତି ଉପରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ କେବଳ ପରିବେଶ ମଧ୍ୟରେ ସୀମିତ ନାହିଁ; ଏହା କୃଷି ଉତ୍ପାଦନ, ଖାଦ୍ୟ ନିରାପତା ଓ ଗ୍ରାମୀଣ ପରିବାରର ଆୟ ଉପରେ ମଧ ପ୍ରଭାବ ପକାଉଛି । ବିଶେଷକରି ମାଲକାନଗିରି ଭଳି ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଅନେକ କୃଷକ ବର୍ଷାଭିତିକ କୃଷି ଉପରେ ନିର୍ଭରଶୀଳ ଥିବାରୁ ଅନିୟମିତ ବର୍ଷା, ଦୀର୍ଘ ଶୁଷ୍କ ସମୟ, ଅତ୍ୟଧିକ ବର୍ଷା, ତାପମାତ୍ରାର ପରିବର୍ତ୍ତନ, ଜଳସଙ୍କଟ ଓ ମୃତିକାର ଉର୍ବରତା ହ୍ରାସ ଭଳି ସମସ୍ୟା ସେମାନଙ୍କ କୃଷି ଓ ଜୀବିକାକୁ ପ୍ରଭାବିତ କରୁଛି । ଏପରି ପରିସ୍ଥିତିରେ ପାରମ୍ପରିକ ଚାଷ ସହ ଜଳବାୟୁ ଅନୁକୂଳ ଓ ସ୍ଥାନୀୟ ପରିସ୍ଥିତି ଭିତିକ କୃଷି ପଦ୍ଧତି ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ ମତ ରଖିଥିଲେ । ଶ୍ରୀ ବୋସୁ ପ୍ରାକୃତିକ କୃଷି, ଫସଲ ବିବିଧୀକରଣ, ସମନ୍ୱିତ କୃଷି ପ୍ରଣାଳୀ, ମୃତିକା ସ୍ୱାସ୍ଥ୍ୟ ପରିଚାଳନା, ଜୈବ ଇନପୁଟ୍‌ର ବ୍ୟବହାର, ଜଳ ସଂରକ୍ଷଣ ଏବଂ ସ୍ଥାନୀୟ ବିହନ ସଂରକ୍ଷଣ ଭଳି ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ପଦ୍ଧତିଗୁଡ଼ିକ ଚାଷୀଙ୍କ କୃଷି ଖର୍ଚ୍ଚ କମାଇବା ସହ ମାଟିର ଉର୍ବରତା ବଜାୟ ରଖିବା ଓ ଜଳବାୟୁଜନିତ ବିପଦର ପ୍ରଭାବ କମାଇବାରେ ସହାୟକ ହୋଇପାରେ ବୋଲି ସେ ଉଲ୍ଲେଖ କରିଥିଲେ । ସେହିପରି, କୃଷକମାନଙ୍କୁ ଏକାଠି କରି ଋଚଙ୍ଗକୁ କେବଳ କୃଷକଙ୍କ ଉତ୍ପାଦ ବିକ୍ରୟର ଏକ ମାଧ୍ୟମ ନୁହେଁ, ବରଂ କୃଷି ଜ୍ଞାନ, ଇନପୁଟ୍, ପ୍ରଯୁକ୍ତି, ପ୍ରଶିକ୍ଷଣ, ମୂଲ୍ୟ ସଂଯୋଜନ ଓ ବଜାର ସଂଯୋଗର ଏକ ସୁଦୃଢ଼ ମଂଚ ଭାବେ ବିକଶିତ କରିବାର ଆବଶ୍ୟକତା ଉପରେ ମଧ ଶ୍ରୀ ବୋସୁ ଗୁରୁତ୍ୱାରୋପ କରିଥିଲେ । ଗ୍ରାମସଭାରେ ଅଂଶ ଗ୍ରହଣ କରିଥିବା କୃଷକ ଓ ଗ୍ରାମବାସୀମାନେ ନିଜ ଅଂଚଳର କୃଷି ସମସ୍ୟା, ଜଳ ସମ୍ପଦ, ଫସଲ ଚାଷରେ ଦେଖା ଦେଉଥିବା ପରିବର୍ତ୍ତନ ଏବଂ ଜୀବିକା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ପ୍ରକଳ୍ପ ମାଧ୍ୟମରେ ଏହି ସମସ୍ୟାଗୁଡ଼ିକୁ ସ୍ଥାନୀୟ ସ୍ତରରେ ଚିହ୍ନଟ କରି କୃଷକଙ୍କ ସହଭାଗିତାରେ ସମାଧାନର ପଥ ଖୋଜିବା ଉପରେ ଆଲୋଚନା ହୋଇଥିଲା । ଗ୍ରାମସଭାରେ ଏହା ମଧ ଆଲୋଚନା ହୋଇଥିଲା ଯେ, କୃଷକଙ୍କ ଜ୍ଞାନ, ସ୍ଥାନୀୟ ପାରମ୍ପରିକ କୃଷି ଅଭିଜ୍ଞତା ଓ ଆଧୁନିକ ଜଳବାୟୁ ଅନୁକୂଳ କୃଷି ପ୍ରଯୁକ୍ତିର ସମନ୍ୱୟ ମାଧ୍ୟମରେ ଅଧିକ ସ୍ଥାୟୀ କୃଷି ବ୍ୟବସ୍ଥା ଗଠନ କରାଯାଇପାରିବ । ଏଥିପାଇଁ ଗ୍ରାମସଭା, ଋଚଙ୍ଗ, କୃଷକ ଏବଂ ସରକାରୀ ବିଭାଗ ଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ଜଳବାୟୁ ପରିବର୍ତ୍ତନର ଆହ୍ୱାନ ମଧ୍ୟରେ କୃଷକଙ୍କ ଆୟ ବୃଦ୍ଧି, କୃଷିକୁ ଅଧିକ ସ୍ଥାୟୀ କରିବା ଏବଂ ଆଦିବାସୀ ପରିବାରର ଜୀବିକାକୁ ସୁଦୃଢ଼ କରିବା ଦିଗରେ ଋଚଙ୍ଗ ଆଧାରିତ ଜଳବାୟୁ ସହନଶୀଳ କୃଷି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଗ୍ରାମସଭାରେ ଆଲୋଚନା ହୋଇଥିଲା ।

# ଅକ୍ଟୋବର ୮ ଓଡ଼ିଶା ବନ୍ଦ ପାଇଁ ଇଣ୍ଡିଆ ମେଂଟର ପ୍ରସ୍ତୁତି ବୈଠକ

ନୟାଗଡ଼(ନିପ୍ର): ଇଣ୍ଡିଆ ମେଂଟ ପକ୍ଷରୁ ୮ ଅକ୍ଟୋବର ଓଡ଼ିଶା ବନ୍ଦକୁ ସଫଳ କରିବା ନିମନ୍ତେ ନୟାଗଡ଼ ପିଡବ୍ଲ୍ୟୁଡି ଡାକବଙ୍ଗଳା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରଣଜିତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବନ୍ଦର ବିଭିନ୍ନ ଦାବି ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ନିମ୍ନଲିଖିତ ଦାବି ଗୁଡ଼ିକ ଉପସ୍ଥାପିତ ହୋଇଥିଲା । ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ତୁରନ୍ତ ଇସ୍ତଫା ଦାବି । ଗଗଉଜ ଆଇନ ପ୍ରତ୍ୟାହାର କରିବା । ପାଠ୍ୟ ପୁସ୍ତକରେ ହୋଇଥିବା ତ୍ରୁଟି ପାଇଁ ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି । ବନ୍ୟା କ୍ଷତିଗ୍ରସ୍ତ ଲୋକମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ । ଅକ୍ଟୋବର ବନ୍ଦକୁ ସଫଳ କରିବା ପାଇଁ ଆସନ୍ତା ୩ ଅକ୍ଟୋବରରେ ବ୍ଲକସ୍ତରୀୟ ବୈଠକ କରାଯାଇ ପ୍ରତ୍ୟେକ ଅଂଚଳରେ ସଂଗଠିତ ପ୍ରଚାର ଆରମ୍ଭ କରିବାକୁ ନିଷ୍ପତି ହୋଇଥିଲା । ସେହିପରି ୬ ଅକ୍ଟୋବରରେ ପଦଯାତ୍ରା ଓ ଶୋଭାଯାତ୍ରା ଏବଂ ୭ ଅକ୍ଟୋବରରେ ମଶାଲ ଶୋଭାଯାତ୍ରା ଆୟୋଜନ କରି ବନ୍ଦକୁ ସଫଳ କରିବାକୁ ନିଷ୍ପତି ନିଆଯାଇଛି । ବୈଠକରେ ସିପିଆଇ(ଏମ୍) ପକ୍ଷରୁ ଜିଲ୍ଲା ସଂଯୋଜକ ନିତ୍ୟାନନ୍ଦ ପରିଡ଼ା, ନୟାଗଡ଼ ଆଂଚଳିକ କମିଟି ସମ୍ପାଦକ ପବିତ୍ର ଇନ୍ଦ୍ରଜିତ, କଂଗ୍ରେସର ବ୍ଲକ ସଭାପତି ହସିମ ଖାଁ, ଉପସଭାପତି ଲକ୍ଷ୍ମୀଧର ତ୍ରିପାଠୀ, ଛାତ୍ର କଂଗ୍ରେସ ସଭାପତି ଶିବରାମ ସାହୁ, ଜୋନ ସଭାପତି ପୀତବାସ ଖୁଂଟିଆ, ରଣପୁର ଆଂଚଳିକ କମିଟି ସମ୍ପାଦକ ଦୁଃଶାସନ ଜେନା, ସରଣକୁଳ ସମ୍ପାଦକ ଜ୍ୟୋତିପ୍ରଭା ଜେନା, ଜୟନ୍ତୀ ମହାରଣାଙ୍କ ସମେତ ବିଭିନ୍ନ ନେତା ଓ କର୍ମୀ ଉପସ୍ଥିତ ଥିଲେ । ବୈଠକରେ ଉପସ୍ଥିତ ନେତାମାନେ ୮ ଅକ୍ଟୋବର ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ତୃଣମୂଳସ୍ତରରେ ବ୍ୟାପକ ପ୍ରଚାର ଓ ଜନସମ୍ପର୍କ ଅଭିଯାନ କରିବାକୁ ଆହ୍ୱାନ ଦେଇଥିଲେ ।

# ଉଚ୍ଚ ବିଦ୍ୟାଳୟକୁ ରୋଟାରୀ କ୍ଲବ୍‌ର ଆକ୍ୱାଗାର୍ଡ଼ ଉପହାର

ନୟାଗଡ଼(ନିପ୍ର): ନୟାଗଡ଼ ବ୍ଲକ୍ ଅନ୍ତର୍ଗତ ଆଂଚଳିକ ଉଚ୍ଚ ବିଦ୍ୟାଳୟ, କ୍ରିଦାଶପୁରକୁ ନୟାଗଡ଼ ରୋଟାରୀ କ୍ଲବ୍ ପକ୍ଷରୁ ଏକ ଆକ୍ୱାଗାର୍ଡ ପ୍ରଦାନ କରାଯାଇଛି । ରୋଟାରୀ କ୍ଲବ୍ ସଭାପତି ବାସୁଦେବ ସାହୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ପତିଙ୍କୁ ଆକ୍ୱାଗାର୍ଡ ହସ୍ତାନ୍ତର କରିଥିଲେ । ଏହି ଅବସରରେ ରୋଟାରୀ କ୍ଲବ୍‌ର ବରିଷ୍ଠ ସଦସ୍ୟ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ସମ୍ପାଦକ ଅବିନାଶ ସାହୁ ଏବଂ ବିଦ୍ୟାଳୟ ପକ୍ଷରୁ ଲକ୍ଷ୍ମୀଧର ମହାପାତ୍ର ଓ ଚିତରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ । ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ଦିଗରେ ରୋଟାରୀ କ୍ଲବ୍‌ର ଏହି ପଦକ୍ଷେପକୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯିବା ସହ କ୍ଲବ୍‌ର ସଦସ୍ୟମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

# ବିଜେଡି ନବନିଯୁକ୍ତ ପଦାଧିକାରୀ ଓ କାର୍ଯ୍ୟକାରୀ କମିଟି ସଦସ୍ୟ/ସଦସ୍ୟାଙ୍କ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର(ନିପ୍ର): ନିକଟରେ ବିଜେଡିର ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ନବନିଯୁକ୍ତ ପଦାଧିକାରୀ ଓ କାର୍ଯ୍ୟକାରୀ ସଦସ୍ୟ/ସଦସ୍ୟାଙ୍କ ନାମ ପ୍ରକାଶ ପାଇଥିଲା । କିଛିଦିନ ପରେ ତ୍ରିସ୍ତରୀୟ ପଂଚାୟତରାଜ ବ୍ୟବସ୍ଥାରେ ରାଜ୍ୟରେ ନିର୍ବାଚନ ହେବାକୁ ଯାଉଥିବାରୁ ମାନସ ମନ୍ଥନ ସହିତ କାର୍ଯ୍ୟକର୍ତ୍ତାଙ୍କୁ କେତେକ ଟିପ୍‌ସ୍ ଦେବା ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ମୂରଲୀ କଲ୍ୟାଣ ମଣ୍ଡପରେ ଆୟୋଜିକ ସଭାରେ ବିଜେଡି ବ୍ଲକ ସଭାପତି ଦିଲ୍ଲିପ ସାମଲ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ବିଧାୟକ ଅଶ୍ୱିନୀ ପାତ୍ର ଯୋଗଦେଇ ତୃଣମୂଳ ସ୍ତରରେ ସଂଗଠନକୁ ମଜବୁତ୍ କରିବା ସହିତ ଲୋକଙ୍କ ସମସ୍ୟା ସମାଧାନ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଗାନ୍ଧି ଜୟନ୍ତୀ ଠାରୁ ନଭେମ୍ବର ୨ ପର୍ଯ୍ୟନ୍ତ ଏକମାସ ଧରି ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେବା ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳ ସମୟରେ କରାଯାଇ ଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ଆଲୋକ ପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌରପାଳ ପ୍ରତୀପ ପ୍ରଧାନ, ଜିଲାପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ଉପନଗର ପାଳ ବିଷ୍ଣୁପ୍ରିୟା କାମିଲା, ସଂଖ୍ୟାଲଘୁ ସେଲର ରାଜ୍ୟ ସଂପାଦକ ଅବଦୁଲ ରହିମ୍, ଦିଲ୍ଲିପ ଦାସମହାପାତ୍ର, ଅନାଦୀ ଦାସ, ତୁଳସୀ ହେମ୍ବ୍ରମ, ବ୍ଲକ ମହିଳା ସଭାନେତ୍ରୀ ସୁବିନିତା ଦତ, କାଉନ୍‌ସିଲର କବିତା ଧଳ ପ୍ରମୁଖ ଯୋଗଦେଇ ଆସନ୍ତା ପଂଚାୟତ ନିର୍ବାଚନରେ ଭୋଟର ମାନଙ୍କୁ ରାଜ୍ୟ ସରକାରଙ୍କ ବିଫଳତା ସଂପର୍କରେ ଅବଗତ କରିବା ସହିତ ସଂଗଠିତଭାବେ କାର୍ଯ୍ୟ କରି ଦଳକୁ ମଜବୁତ୍ କରିବାକୁ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବସ୍ତା ବ୍ଲକର ଜୟନ୍ତ ମିଶ୍ର, ଶିକ୍ଷକନେତା ମନୋରଂଜନ ଦାସ, ସନ୍ତୋଷ ଦାସ ମହାପାତ୍ର, ଲେଲିନ୍ ପ୍ରଧାନ, ବ୍ରିଜେଶ ରଣା, ଧ୍ରୁବଜ୍ୟୋତି ଗିରି ପ୍ରମୁଖ ବକ୍ତବ୍ୟ ରଖୁଥିଲେ । ବ୍ଲକ ଚେୟାରମ୍ୟାନ ମାନସ ଜେନା ମଂଚ ଆହ୍ୱାନ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏଥିରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ ।

# ଆରସିସି ଅନୁଷ୍ଠାନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ବାରିପଦା(ନିପ୍ର): ସ୍ଥାନୀୟ ମୁର୍ଗାବାଡି ସ୍ଥିତ ଆର ସି ସି ଅନୁଷ୍ଠାନ ପରିସରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ କବି ବିଷ୍ଣୁ ଶତପଥି ଉଭୟ ମହାପୁରୁଷଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀଙ୍କୁ ତାଙ୍କ ପଥ ଅନୁସରଣ କରି ନିଜକୁ ସୁନାଗରିକ ଭାବେ ଗଢ଼ିତୋଳିବା ଲାଗି ପରାମର୍ଶ ଦେଇଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଡ଼. ଅସୀମ କୁମାର ଚକ୍ରବର୍ତୀ,




ସୋମନାଥ ସିଂହ, ଚିତରଞ୍ଜନ ସ୍ୱାଇଁ ଓ ହିମାଂଶୁ ଶେଖର ପ୍ରହରାଜ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ସେବା, ମାନବିକତା, ଦେଶପ୍ରେମ ଓ ସମାଜ ପ୍ରତି ଦାୟିତ୍ୱବୋଧର ବାର୍ତ୍ତା ଦେଇଥିଲେ ଓ ଅନୁଷ୍ଠାନର ଚେୟାରମ୍ୟାନ୍ ତଥା ମୁଖ୍ୟ ଆୟୋଜକ କବିଶ୍ରୀ ରାଜେନ୍ଦ୍ର ଦାସ ଉପସ୍ଥିତ ବିଶିଷ୍ଟ ଅତିଥିମାନଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ ଓ ଜାତୀୟ ସ୍ତରରେ 'ଓଡିଶା ରତ୍ନ ସମ୍ମାନ' ହାସଲ କରିଥିବା କବିଶ୍ରୀ ରାଜେନ୍ଦ୍ର ଦାସଙ୍କ ସଫଳତା ପାଇଁ ଉପସ୍ଥିତ ଅତିଥି, ଅଭିଭାବକ, ଛାତ୍ରଛାତ୍ରୀ ଓ ଶୁଭେଚ୍ଛୁମାନେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ନିଜ ବକ୍ତବ୍ୟରେ କବିଶ୍ରୀ ରାଜେନ୍ଦ୍ର ଦାସ ଆଗାମୀ ଦିନରେ ଓଡ଼ିଶା ଓ ମୟୂରଭଞ୍ଜର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଯୁବପିଢ଼ିଙ୍କ ଉନ୍ନତି ଓ ସାମାଜିକ ପ୍ରଗତି ପାଇଁ ଅଧିକ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ଥିବା କହିଥିଲେ ଓ ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ତଥା ଗଣିତ ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା ।

# ଡକ୍ଟର ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଦମ୍ପତିଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ

ସୋର(ନିପ୍ର): ଗତ ୨୦୨୦ ମସିହାରେ କରୋନାରେ ଆକ୍ରାନ୍ତ ହୋଇ ଗୋଟିଏ ଦିନରେ ସପତ୍ନୀକ ସ୍ୱର୍ଗଗାମୀ ହୋଇଥିବା ସୁସାହିତ୍ୟିକ, ଶିକ୍ଷାବିତ୍ ତଥା ଶ୍ରୀନିବାସ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଓ ସତୟସଙ୍ଗର ସହ ପ୍ରତି ଋତ୍ୱିକ ସ୍ୱର୍ଗତ ଡ. ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଓ ତାଙ୍କ ଧର୍ମପତ୍ନୀ ଅରୁନ୍ଧତୀ ପାଢ଼ୀଙ୍କର ଷଷ୍ଠ ଶ୍ରାଦ୍ଧବାର୍ଷିକୀ ସୋର ସତସଙ୍ଗ ବିହାର ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସତସଙ୍ଗରେ ଇଞ୍ଜିନିୟର ଉମାକାନ୍ତ ସାହୁ ସଭାପତିତ୍ୱ କରିଥିଲେ । ସଙ୍ଗୀତାଞ୍ଜଳି କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ଲେଙ୍କା, ଦେବଶ୍ରୀ ଅପର୍ଣ୍ଣା ସାହୁ, ଶରତ ଚନ୍ଦ୍ର ମହାଭୋଇ, ସନ୍ତୋଷ କୁମାର ପଲେଇ, କେଦାର ନାୟକ ଅଂଶଗ୍ରହଣ କରିଥିଲେ । ତତ୍ପରେ ସ.ପ୍ର.ର ଗୋପବନ୍ଧୁ ନାୟକ, ନବକିଶୋର ପତି ଓ ଭବେନ୍ଦ୍ର କୁମାର ଦାସ ପ୍ରମୁଖ ଦିବଙ୍ଗତ ଦମ୍ପତିଙ୍କ ବହୁମୁଖୀ ପ୍ରତିଭା ଓ ସାହିତ୍ୟ, ଶିକ୍ଷା କ୍ଷେତ୍ରରେ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ମୁଖ୍ୟ ଅତିଥି ଭାବେ ସୋର ବ୍ଲକ ଅଧ୍ୟକ୍ଷା ଅନୁସୁୟା ମଲ୍ଲିକ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବିରାଜ କୁମାର ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ନାୟକ, କୈଳାସ ଚନ୍ଦ୍ର ପଣ୍ଡା, ନିରଞ୍ଜନ ମହାପାତ୍ର, ହରିହର ସାହୁ, ନରହରି ବେହେରା, ଗୁରୁପ୍ରସନ୍ନ ପଣ୍ଡା, ମହେଶ୍ୱର ବିଶ୍ୱାଳ ପ୍ରମୁଖ ଋତ୍ୱିକ ଯୋଗଦେଇଥିଲେ । ସ୍ୱର୍ଗତ ପାଢ଼ୀଙ୍କ ପୁତ୍ର ପବିତ୍ର କିରଣ ପାଢ଼ୀ, ପୁତ୍ରବଧୂ ଜୟସ୍ମିତ, କନ୍ୟା ଅନମିତ୍ରା, ଅନ୍ନପୂର୍ବା ଜାମାତା ପ୍ରଭାକର ସାହୁ, ସଞ୍ଜୀବ କୁମାର ପଣ୍ଡା, ପୁତୁରା ଉତ୍ପଳ କୁମାର ପାଢ଼ୀ ଓ ପରିତୋଷ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ । କେନ୍ଦ୍ରର ଗୁରୁଭାଇ ଓ ମା'ମାନେ ମଧ ଉପସ୍ଥିତ ଥିଲେ ।

# ଜନସମ୍ପର୍କ ପଦଯାତ୍ରା ନେଇ ବିଜେଡି ପ୍ରସ୍ତୁତି ବୈଠକ

ବାରିପଦା(ନିପ୍ର): ଜନସମ୍ପର୍କ ପଦଯାତ୍ରା ନେଇ ବାରିପଦାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସଭପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ନିର୍ଦ୍ଦେଶକ୍ରମେ ଅକ୍ଟୋବର ୨ ତାରିଖ ଅର୍ଥାତ୍ ଗାନ୍ଧୀ ଜୟନ୍ତୀ ଠାରୁ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ନଭେମ୍ବର ୨ ଅର୍ଥାତ୍ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଯାଏଁ ମାସକ ଧରି ଚାଲିବ । ଏ ସମ୍ବନ୍ଧରେ ନେତୃତ୍ୱ ମାନଙ୍କ ଉପସ୍ଥିତିରେ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଡବଲ ଇଞ୍ଜିନ ସରକାରରେ ଓଡିଶା ବାସୀ ଉପେକ୍ଷିତ ହେଉଛନ୍ତି । ଉକ୍ତ ପଦଯାତ୍ରା ସମୟରେ ଡବଲ ଇଞ୍ଜିନ ସରକାରରେ ଜନ ସମସ୍ୟାକୁ ନେଇ ଲୋକଙ୍କ ନିକଟକୁ ଯିବୁ । ଡବଲ ଇଞ୍ଜିନ ସରକାର ନିର୍ବାଚନ ସମୟରେ ଲୋକ ମାନଙ୍କୁ ଯେଉଁ ପ୍ରତିଶୃତି ଦେଇଥିଲେ । ତାହାକୁ ଗତ ଅଢ଼େଇ ବର୍ଷ ମଧ୍ୟରେ ପୂରଣ କରିଲେ ନାହିଁ । ଚାଷୀ, ଯୁବ,



ଛାତ୍ର, ନାରୀ, ଆଦିବାସି, ଦଳିତ, ସଂଖ୍ୟା ଲଘୁ ଆଦି ସମସ୍ତ ବର୍ଗର ଲୋକେ ପ୍ରତାରଣାର ଶିକାର ହୋଇଛନ୍ତି । ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ନାରୀ ନିର୍ଯ୍ୟାତନା ବୃଦ୍ଧି ପାଉଛି । କେନ୍ଦ୍ର ସରକାର ଏମଏମଡିଆର ଆକ୍ଟ ଜରିଆରେ ସଂଘୀୟ ବ୍ୟବସ୍ଥାର ହତ୍ୟା କରି ଓଡ଼ିଶାର ଅର୍ଥନୈତିକ ଅଧିକାରକୁ କ୍ଷୁର୍ଣ୍ଣ କରିଛନ୍ତି । ପୁସ୍ତକ ତ୍ରୁଟି, ଏସଆଇଆର ଆଦି ସବୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ଜଳ ଜଳ ହୋଇ ଦେଖଯାଉଛି । ଧାନ ମଣ୍ଡି, କୃଷି, ଭତା, ପେନସନ ଆଦି କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ରାଜ୍ୟବାସୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଶାସନ ସମୟର ଓଡ଼ିଶାର ବିକାଶ ଧାରାକୁ ମନେ ପକାଉଛନ୍ତି । ଡବଲ ଇଞ୍ଜିନ ସରକାର ପ୍ରତି ଜନସାଧାରଣ ମାନଙ୍କ ଅନେକ ରୋଷ ରହିଛି । ପ୍ରତିଶୃତି ଗୁଡିକ ପ୍ରତାରଣାରେ ପରିଣତ ହୋଇଛି । ବିଜେପି ସରକାରଙ୍କ ବିଫଳତାକୁ ନେଇ ବିଜେଡି ଜନ ସମ୍ପର୍କ ପଦଯାତ୍ରା ଜରିଆରେ ଲୋକଙ୍କ ନିକଟକୁ ଯିବ । ଜିଲ୍ଲାର ମୁଖ୍ୟାଳୟ ସମେତ ବ୍ଲକ୍, ପୌରପାଳିକା, ଏନ୍‌ଏସି ସବୁଠି ପଦଯାତ୍ରା ଅନୁଷ୍ଠିତ ହେବ । ଜନ ସାଧାରଣ ମାନଙ୍କ ସମସ୍ୟା ଭିତିକ ସ୍ୱରକୁ ଶାଣିତ କରିବା ପାଇଁ ବିଜେଡି ଲଢେଇ ଜାରି ରଖିବ । ଜନ ସମ୍ପର୍କ ପଦଯାତ୍ରାକୁ ସଫଳ କରିବା ପାଇଁ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଛି । ଉକ୍ତ ପଦଯାତ୍ରାରେ ପଦାଧିକାରୀ, ନେତା, ଶୁଭେଚ୍ଛୁ, ଯୋଗ ଦେବାକୁ ଆହ୍ୱାନ ଦିଆଯାଇଛି । ଉକ୍ତ ବୈଠକରେ ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ସଭାପତି ଡ଼ା ଦେବାଶିଷ ମାରାଣ୍ଡି, ସାନନ୍ଦ ମାରାଣ୍ଡି, ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୁନ୍ଦର ମୋହନ୍ ସିଂ, ଶ୍ରାବଣୀ ଦାସ, ଅରୁଣ ବରାଡ, ସୁନୀଲ କୁମାର ନାୟକ, ଆଭାସ ଦେ, ଦୀପ୍ତିଲତା ମିଶ୍ର, ପ୍ରଭାତ ନାୟକ, କୃଷ୍ଣ ଦାସ, ରାଜ କିଶୋର ଦାସ, ପ୍ରୀତିନନ୍ଦା କାନୁନଗୋ, ଦୀପକ ମଢୁଆଲ, ସବିତା ବେହେରା, ଅବଦୁଲ ହବିବ, ସରୋଜ ଶତପଥୀ, ଜିତ୍ ପଟ୍ଟନାୟକ, ସମର୍ଜିତ୍ ଗୋସ୍ୱାମୀ, ଗୋବିନ୍ଦ ବେହେରା, ଦିଲ୍ଲୀପ ଘୋଷ, ଶ୍ରବଣ ଗୋପ, ଶେକ୍ ନୁରୁଲ ହସନ, ଶେକ୍ ନିଜାମ୍, ମନୀଷ ବେହେରା, ଅମିତ୍ ବୈଠା, ବିଦୁରାଜ ସୋରେନ, ରାଧେ ଶ୍ୟାମ୍ ହାଁସଦା, ବିଦ୍ୟାଧର ମହାନ୍ତ, ଅଭିଜିତ୍ ଦାସ, ତାପଶି ଜେନା, ରୀନା ରାୟ, ଦ୍ରୌପଦୀ ସାହୁ, ସସ୍ମିତା ନନ୍ଦ, ରଞ୍ଜିତା ମହାପାତ୍ର, ଭାର୍ଗବୀ ବେହେରା, ନମିତ ଚାନ୍ଦ, ସନ୍ଧ୍ୟାରାଣୀ ଦାସ, ସକୁନ୍ତଲା ସେଠୀ, ସୁରଭି ଦାସ, ଜଗନ୍ନାଥ୍ ମହାପାତ୍ର, ଅକ୍ଷୟ ସିଂ, ବିନାୟକ ସାହୁ, ସୁଜଲ୍ ବେହେରା, କାଉନସିଲର ସୁକେଶିନି ସେଠୀ, ଉପ ନଗରପାଳ ସୀମା ଦାସ, ରୀନା ଶର୍ମା, ପ୍ରଭାତୀ ପୃଷ୍ଟି, ମହେଶ ଭଞ୍ଜଦେଓ, ବିବେକାନନ୍ଦ ନାୟକ, ଦିଗ ବିଜୟ ହାଁସଦା, ସୁଧୀର ବାରିକ, ଅନନ୍ତ ଦାସ, ଦେବାଶିଷ୍ ପାତ୍ର, ଭାଗ୍ୟ ଲକ୍ଷ୍ମୀ ନାୟକ, ଶିବ ଶଙ୍କର ପାତ୍ର, ମାଖନ୍ ଲାଲ ମହାନ୍ତ, ସରୋଜ ମହାପାତ୍ର, ସନ୍ତୋଷ ପଟ୍ଟନାୟକ, ଦର୍ପ ନାରାୟଣ ପାଲ, ଗୀତା ବେହେରା, ରତ୍ନାକର ବେହେରା, ସୁଜିତ୍ ମହାନ୍ତି, ଅମର ସେଠୀ, ସରୋଜ ବୋଷ, ନରେନ୍ଦ୍ର ହାଁସଦା, ଦେବୀ ଦତ ଦାସ, ଡ଼ା କିଶୋର ପାତ୍ର, ଶୈଳେନ୍ଦ୍ର ପାତ୍ର, ଜ୍ଞାନ ରଞ୍ଜନ ଦାସ, ସଚ୍ଚିଦାନନ୍ଦ ଆଚାର୍ଯ୍ୟ, ବିଜୟ ଦାସ, ରବୀନ୍ଦ୍ର ଦଣ୍ଡପାଟ ସମେତ ଅନ୍ୟ କର୍ମକର୍ତା ଉପସ୍ଥିତ ରହିଥିଲେ ।

# ପୁରୀରେ ନିର୍ମାଣ ହେବ ନୂଆ ପତିତପାବନ ଭକ୍ତ ନିବାସ

ପୁରୀ: ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ପୁରୀରେ ଭକ୍ତ ଓ ସେବାୟତମାନଙ୍କ ପାଇଁ ଏକ ନୂତନ ତଥା ଆଧୁନିକ ତୀର୍ଥଯାତ୍ରୀ ଆବାସ ସୁବିଧା ନିର୍ମାଣ କରିବାକୁ ଯୋଜନା କରୁଛି । ତୀର୍ଥଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀଳାଦ୍ରି, ନୀଳାଚଳ, ଶ୍ରୀଗୁଣ୍ଡିଚା ଏବଂ ପୁରୁଷୋତମ ଭକ୍ତ ନିବାସ ପରେ ଏବେ ପୁରୀରେ ନିର୍ମାଣ ହେବାକୁ ଯାଉଛି ଆଉ ଏକ ନୂତନ ଭକ୍ତ ନିବାସ । ଏନେଇ ୨୬ ସେପଟ୍ଟେମ୍ବର ଶନିବାର ଦିନ ଶ୍ରୀମନ୍ଦିର ପରିଚାଳନା କମିଟି



ବୈଠକରେ ସବିଶେଷ ଆଲୋଚନା କରାଯିବା ସହ ପ୍ରସ୍ତାବ ଦିଆଯାଇଛି । ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ନିକଟରେ ଅନୁଷ୍ଠିତ ବୈଠକରେ 'ପତିତପାବନ ଭକ୍ତ ନିବାସ' ନାମକ ନୂତନ ସୁବିଧା କେନ୍ଦ୍ର ସମ୍ପର୍କିତ ପ୍ରସ୍ତାବ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।



ପୁରୀର ମଠାଧୀଶମାନେ ଆଜି ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ପୁରୀର ବିଭିନ୍ନ ମଠ ମନ୍ଦିରର ଉନ୍ନତିକରଣ ବିଷୟରେ ଆଲୋଚନା କରିଛନ୍ତି । ଏହି ଅବସରରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଶ୍ରୀ ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର ଏବଂ ପୁରୀ ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା ଉପସ୍ଥିତ ଥିଲେ ।

# ଓଡ଼ିଶାରେ ଖୋଲିବ ଶାସ୍ତ୍ରୀୟ ପାଲି ଭାଷାର ଉତ୍କର୍ଷ କେନ୍ଦ୍ର

ନୂଆଦିଲ୍ଲୀ: ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ ୫ଟି ଶାସ୍ତ୍ରୀୟ ଭାଷା ପାଇଁ ଉତ୍କର୍ଷ କେନ୍ଦ୍ର ଖୋଲିବାକୁ ଅନୁମୋଦନ ପ୍ରଦାନ କରିଛନ୍ତି । ଅସମୀୟା, ବଙ୍ଗଳା, ମରାଠୀ, ପାଲି ଏବଂ ପ୍ରାକୃତ ଭାଷା ଅଧ୍ୟୟନ ପାଇଁ ଏହି ଉତ୍କର୍ଷ କେନ୍ଦ୍ରଗୁଡ଼ିକ କାର୍ଯ୍ୟ କରିବେ । ଆଜି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଓଡ଼ିଶାରେ ଶାସ୍ତ୍ରୀୟ ପାଲି ଭାଷାର ଉତ୍କର୍ଷ କେନ୍ଦ୍ର ଖୋଲିବ । କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଏହି କେନ୍ଦ୍ର ଖୋଲାଯିବାକୁ ଅନୁମୋଦନ ମିଳିଥିବା ଏଥିରେ କୁହାଯାଇଛି । ଉଚ୍ଚତର ଶାସ୍ତ୍ରୀୟ ଗବେଷଣା, ଭାଷାଗତ ଓ ସାହିତ୍ୟିକ ଐତିହ୍ୟର ସଂରକ୍ଷଣ ଏବଂ ଡିଜିଟାଇଜେସନ୍, ଏବଂ ଏହି ଶାସ୍ତ୍ରୀୟ ଭାଷାଗୁଡ଼ିକ ସମ୍ବନ୍ଧୀୟ ଜ୍ଞାନର ବ୍ୟାପକ ପ୍ରସାର ପାଇଁ ସମ୍ପୃକ୍ତ ଭାଷାର ଉତ୍କର୍ଷ କେନ୍ଦ୍ରଗୁଡ଼ିକ ନିର୍ଦ୍ଦିଷ୍ଟ ଅନୁଷ୍ଠାନିକ ସହାୟତା ଯୋଗାଇଦେବ ।



## ଏସୀୟ କ୍ରୀଡ଼ା-୨୦୨୬

# ୧୯ ରନ୍‌ରେ ପାକିସ୍ତାନକୁ ହରାଇ ସ୍ୱର୍ଣ୍ଣ ଜିତିଲା ଭାରତ

ନୂଆଦିଲ୍ଲୀ : ଏସୀୟ କ୍ରୀଡ଼ାରେ ଇତିହାସ ରଚିଲା ଭାରତ । କ୍ରିକେଟରେ ଲଗାତାର ଦ୍ୱିତୀୟ



ଥର ଭାରତ ସ୍ୱର୍ଣ୍ଣ ପଦକ ଜିତିଛି । ପାକିସ୍ତାନକୁ ୧୯ ରନ୍‌ରେ ପରାସ୍ତ କରି ଭାରତ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଛି । ଫାଇନାଲରେ ଭାରତର ବ୍ୟାଟିଂ ଓ ପରେ ବୋଲରଙ୍କ ଲଢୁଆ ପ୍ରଦର୍ଶନ ଦଳକୁ ଚାମ୍ପିଅନ୍ କରିଛି । ଭାରତ ଦେଇଥିବା ୨୧୨ ରନ୍‌ର ଟାର୍ଗେଟ୍‌ର ପିଛା କରି ପାକିସ୍ତାନୀ ଦଳ ନିର୍ଦ୍ଧାରିତ ଓଭରରେ ଲକ୍ଷ୍ୟ ହାସଲ କରିପାରିନଥିଲା । ପାକିସ୍ତାନ ପକ୍ଷରୁ ହସନ ନୱାଜ ଜବରଦସ୍ତ ବ୍ୟାଟିଂ କରି ୯୬ ରନ୍‌ର ଲଢୁଆ ଇନିଂସ ଖେଳିଥିଲେ । ଶେଷ ପର୍ଯ୍ୟନ୍ତ ସେ ଭାରତୀୟ ବୋଲରଙ୍କୁ ଚ୍ୟାଲେଞ୍ଜ ଦେଇଥିଲେ । ମାତ୍ର ନିଜ ଶତକଠାରୁ ମାତ୍ର ୪ ରନ୍ ଦୂରରେ ତାଙ୍କ ଇନିଂସର ଅନ୍ତ ଘଟିଥିଲା । ଭାରତ ପକ୍ଷରୁ ଶିବମ ଦୁବେ ଶେଷ ଓଭର ବୋଲିଂ କରିଥିଲେ । ଓଭରର ଶେଷ ବଲ୍ ?ରେ ହସନ ନୱାଜଙ୍କୁ ଆଉଟ୍ କରି ଦୁବେ ଭାରତର ବିଜୟ ନିଶ୍ଚିତ କରିଥିଲେ । ହସନଙ୍କ ଲଢୁଆ ୯୬ ରନ୍ ସତ୍ତ୍ୱେ ପାକିସ୍ତାନ ଭାରତର ଦିଆ ବିଜୟ ଲକ୍ଷ୍ୟ ଅତିକ୍ରମ କରିପାରିନଥିଲା । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପାଇଁ ଅଭିଷେକ ଶର୍ମା ଓ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଇନିଂସ୍ ଆରମ୍ଭ କରିଥିଲେ । ବୈଭବ ଆକ୍ରମଣାତ୍ମକ ଭାବେ ଖେଳିଥିଲେ ମଧ ୯ ବଲରୁ ୧୫ ରନ୍ କରି ପାଭିଲିଅନ୍ ଫେରିଥିଲେ । ଏହାପରେ ଅଭିଷେକ ଗୋଟିଏ ପଟେ ପାରି ସମ୍ଭାଳିଥିବା ବେଳେ ଭାରତୀୟ ମଧ୍ୟକ୍ରମରେ ଲଗାତାର ୱିକେଟ୍ ପଡ଼ିଥିଲା । ଭାରତର ଚୂଡ଼ାନ୍ତ ଏକାଦଶରେ ବୈଭବ ଓ ଅଭିଷେକଙ୍କୁ ଓପନିଂ ଦାୟିତ୍ୱ ଦିଆଯାଇଥିଲା । ସଞ୍ଜୁ ସାମସନ୍ ୪ ବଲରୁ ମାତ୍ର ୨ ରନ୍ କରିଥିବା ବେଳେ ଅଧିନାୟକ ଶ୍ରେୟସ ଆୟର ୨୪ ବଲରେ ୨୧ ରନ୍ କରିଥିଲେ । ଈଶାନ କିଶନ ମଧ ୧୮ ବଲରୁ ୨୦ ରନ୍ କରି ଆଉଟ୍ ହୋଇଥିଲେ । ଏହି ସମୟରେ ଭାରତର ସ୍କୋର ୨୦୦ ରନ୍ ଛୁଇଁବ କି ନାହିଁ, ତାକୁ ନେଇ ଆଶଙ୍କା ସୃଷ୍ଟି ହୋଇଥିଲା । କିନ୍ତୁ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ପାରି ଭାରତୀୟ ଇନିଂସ୍‌କୁ ଗତି ଦେଇଥିଲା । ସେ ମାତ୍ର ୨୮ ବଲରେ ୬୧ ରନ୍‌ର ଦ୍ରୁତ ଇନିଂସ୍ ଖେଳିଥିଲେ । ତାଙ୍କ ଆଉଟ୍ ପରେ ତିଲକ ବର୍ମା ମୋର୍ଚ୍ଚା ସମ୍ଭାଳିଥିଲେ । ତିଲକ ବର୍ମା ଶେଷ ଭାଗରେ ପାକିସ୍ତାନୀ ବୋଲରଙ୍କ ଉପରେ ଚାପ ବଢ଼ାଇ ମାତ୍ର ୨୨ ବଲରେ ୫୧ ରନ୍ କରି ଅପରାଜିତ ରହିଥିଲେ । ତାଙ୍କ ତୁଫାନୀ ବ୍ୟାଟିଂ ସହ ଶିଭମ ଦୁବେ ମଧ ୧୫ ବଲରୁ ୨୭ ରନ୍ କରି ଭାରତର ସ୍କୋରକୁ ୨୧୧ ରନ୍‌ରେ ପହଂଚାଇଥିଲେ । ବିଜୟ ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ଭଲ ଆରମ୍ଭ କରିଥିଲା । ହେଲେ ପାକିସ୍ତାନ ବିଜୟ ଲକ୍ଷ୍ୟକୁ ହାସଲ କରିପାରିନଥିଲା ।

### ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବଜାୟ ରଖିବା ପାଇଁ ଭାରତୀୟ ପୁରୁଷ କ୍ରିକେଟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହା ପ୍ରକୃତରେ ଦେଶ ପାଇଁ ଏକ ଆନନ୍ଦର ଅବସର । ଶ୍ରୀ ମୋଦୀ ଦଳର ସଦସ୍ୟମାନଙ୍କୁ ସେମାନଙ୍କର ଭବିଷ୍ୟତ ପ୍ରୟାସ ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ଏକ୍ସରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି; "ଭାରତକୁ ପୁଣି ଥରେ ସ୍ୱର୍ଣ୍ଣ ଆସିଛି ! ଏସୀୟ କ୍ରୀଡ଼ାରେ ଟାଇଟଲ ବଜାୟ ରଖିବା ପାଇଁ ଆମର ପୁରୁଷ କ୍ରିକେଟ ଦଳକୁ ଅଭିନନ୍ଦନ । ଏହା ପ୍ରକୃତରେ ଦେଶ ପାଇଁ ଏକ ଆନନ୍ଦର ଅବସର । ଦଳର ସଦସ୍ୟମାନଙ୍କୁ ସେମାନଙ୍କର ଭବିଷ୍ୟତ ପ୍ରୟାସ ପାଇଁ ମୋର ଶୁଭେଚ୍ଛା ।

# ସ୍ୱର୍ଣ୍ଣ ବିଜେତା ମହିଳା ହକି ଟିମ୍ ପାଇଁ ପୁରସ୍କାର ଘୋଷଣା କଲେ ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର: ସ୍ୱର୍ଣ୍ଣ ବିଜେତା ମହିଳା ହକି ଟିମ୍ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କାର ଘୋଷଣା କରିଛନ୍ତି । ପ୍ରତି ଖେଳାଳିଙ୍କ ପାଇଁ ୧୧ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରାଯାଇଛି । କୋଚ୍ ଓ ଅନ୍ୟ ସପୋର୍ଟ ଷ୍ଟାଫଙ୍କ ପାଇଁ ୫ ଲକ୍ଷ ୫୦ ହଜାର ଲକ୍ଷ ଟଙ୍କାର ପୁରସ୍କାର ମିଳିବ । ୪୪ ବର୍ଷ ପରେ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଛି ମହିଳା ହକି ଦଳ । ଏସିଆନ ଗେମ୍ସର ଫାଇନାଲରେ ଭାରତ ୧-୦ ଗୋଲରେ ଚୀନକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛି । ମ୍ୟାଚର ଦଶମ ମିନିଟରେ ଲାଲରେମସିଆମିଙ୍କ ଗୋଲ୍ ଭାରତକୁ ଆଗୁଆ କରିଥିଲା । ଏହାପରେ ଚୀନର ଆକ୍ରମଣକୁ ରୋକି ଭାରତୀୟ ଦଳ ବିଜୟ ବଜାୟ ରଖିଥିଲା । ଗୋଲକିପର ସବିତା ପୁନିଆଙ୍କ ଗୁରୁତ୍ୱପୂର୍ଣ୍ଣ ପେନାଲ୍ଟି ଷ୍ଟ୍ରୋକ୍ ସେଭ୍ ମଧ ମ୍ୟାଚର ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ଥିଲା । ୧୯୮୨ ପରେ ପ୍ରଥମଥର ପାଇଁ ଭାରତୀୟ ମହିଳା ହକି ଟିମ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଜିତିଛି । ଏହି ସଫଳତା ସହ ଭାରତୀୟ ଦଳ ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ମଧ ସିଧାସଳଖ ଯୋଗ୍ୟତା ହାସଲ କରିଛି । ସେପଟେ ଓଡ଼ିଶାରେ ମଧ ହକି ଖେଳାଳିଙ୍କୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ପୁରସ୍କାର ପ୍ରଦାନ କରିଛନ୍ତି । ଜୁନିୟର ଏସିଆ କପ୍ ହକି ୨୦୨୬ରେ ଚାମ୍ପିୟନ ହୋଇଥିବା ଭାରତୀୟ ପୁରୁଷ ଓ ମହିଳା ଦଳରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ ଏବଂ ପ୍ରତ୍ୟେକଙ୍କୁ ୧.୨୫ ଲକ୍ଷ ଟଙ୍କା ପୁରସ୍କାର ଦେଇଥିଲେ ।

# ସ୍ୱଚ୍ଛ ଭାରତ ଦିବସ ୨୦୨୬ ଅବସରରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନର ନେତୃତ୍ୱ ନେଲେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ

ନୂଆଦିଲ୍ଲୀ : କେନ୍ଦ୍ରମନ୍ତ୍ରୀ ଶ୍ରୀ ସି. ଆର. ପାଟିଲ ୨ ଅକ୍ଟୋବର





୨୦୨୬ରେ ସ୍ୱଚ୍ଛ ଭାରତ ଦିବସ ଅବସରରେ ଗୁଜରାଟର ନବସାରୀ ଜିଲ୍ଲା ଚିଖଲି ବ୍ଲକ ଅନ୍ତର୍ଗତ ମଜିଗାମ ଗ୍ରାମରେ ଆୟୋଜିତ ସ୍ୱତନ୍ତ୍ର ଗ୍ରାମସଭାରେ ଅଂଶଗ୍ରହଣ କରିଥିଲେ । ଏହି ସ୍ୱତନ୍ତ୍ର ଗ୍ରାମସଭାରେ ଗୁଜରାଟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ନରେଶ ପଟେଲ, ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ)ର ଯୁଗ୍ମ ସଚିବ ତଥା ମିଶନ ନିର୍ଦ୍ଦେଶକ, ଶ୍ରୀମତୀ ଐଶ୍ୱର୍ଯ୍ୟା ସିଂହ, ଜିଲ୍ଲାପାଳ ଓ ଜିଲ୍ଲା ଉନ୍ନୟନ ଅଧିକାରୀଙ୍କ ସମେତ ରାଜ୍ୟ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ । ସ୍ୱତନ୍ତ୍ର ଗ୍ରାମସଭା ଅବସରରେ କେନ୍ଦ୍ରମନ୍ତ୍ରୀ ସଫେଇ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେ ସମସ୍ତଙ୍କୁ ସ୍ୱଚ୍ଛତାକୁ କେବଳ ଗୋଟିଏ ଦିନର ଅଭିଯାନ ଭାବେ ନୁହେଁ, ବରଂ ଏହାକୁ ଏକ ସାମୂହିକ ପ୍ରତିଶ୍ରୁତି ତଥା ଆମ ଦୈନନ୍ଦିନ ଜୀବନ, ଆଚରଣ ଓ ସାମୂହିକ ଦାୟିତ୍ୱର ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଜଣାଇଥିଲେ । ସେ ଗୁରୁତ୍ୱାରୋପ କରି କହିଥିଲେ, ଆମକୁ ଏହି ସଂକଳ୍ପ ନେବାକୁ ହେବ ଯେ, ଆମେ ନିଜେ କେବେବି ଆବର୍ଜନା ପକାଇବୁ ନାହିଁ କିମ୍ବା ଅନ୍ୟମାନଙ୍କୁ ଆବର୍ଜନା ପକାଇବାକୁ ଦେବୁ ନାହିଁ । ନିଜ ଅଭିଭାଷଣ ସମୟରେ କେନ୍ଦ୍ରମନ୍ତ୍ରୀ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା 'ସ୍ୱାଧୀନତା' ସହିତ 'ସ୍ୱଚ୍ଛତା' ଉପରେ ଦିଆଯାଇଥିବା ଗୁରୁତ୍ୱକୁ ସ୍ମରଣ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ, ସ୍ୱାଧୀନତା ପରବର୍ତୀ ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସ୍ୱଚ୍ଛତା ଦିଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ କରାଯାଇଛି । ଏହା ଅଧୀନରେ 'ସ୍ୱଚ୍ଛ ଭାରତ ମିଶନ' ଏକ ଦେଶବ୍ୟାପୀ ଜନଆନ୍ଦୋଳନର ରୂପ ନେଇ ଗ୍ରାମୀଣ ସ୍ୱଚ୍ଛତାର ଚିତ୍ରକୁ ପରିବର୍ତନ କରିଛି । ସ୍ୱଚ୍ଛ ଭାରତ ପାଇଁ ଏହି 'ଜନ-ଅଂଶଗ୍ରହଣ' (ଜନଭାଗୀଦାରୀ) ତୃଣମୂଳ ସ୍ତରରେ ଏହି ମିଶନକୁ ଆଗେଇ ନେବାରେ ନିରନ୍ତର ଭାବେ ପ୍ରେରଣା ଯୋଗାଇ ଆସୁଛି । ଅନ୍ୟାନ୍ୟ ବିଷୟ ସହିତ, ସ୍ୱତନ୍ତ୍ର ଗ୍ରାମସଭାରେ ସ୍ୱଚ୍ଛତା ହିଁ ସେବା (ଏସଏଚ୍‌ଏସ୍) ୨୦୨୬ର ସଫଳତା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୨୬ ଏବଂ ସ୍ୱଚ୍ଛ ସେବା ଆକଳନ ସମ୍ପର୍କରେ ଆଲୋଚନା ହୋଇଥିଲା । 'ସ୍ୱଚ୍ଛ ସେବା ଆକଳନ' ହେଉଛି ଗ୍ରାମ ପଂଚାୟତ (ଜିପି) ସ୍ତରରେ ବାର୍ଷିକ ଡିଜିଟାଲ ସ୍ୱ-ମୂଲ୍ୟାଙ୍କନ ବ୍ୟବସ୍ଥା । ଏହା ଉପରେ ଯୁଗ୍ମ ସଚିବ ତଥା ମିଶନ ନିର୍ଦ୍ଦେଶକଙ୍କ ପକ୍ଷରୁ ଏକ ଉପସ୍ଥାପନା କରାଯାଇଥିଲା ।

# ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ : ପ୍ରକୃତି-ମଣିଷ ସମ୍ପର୍କ ସୁଦୃଢ଼ କରିବାକୁ ନୂଆ ସଂକଳ୍ପର ଆହ୍ୱାନ

ଭୁବନେଶ୍ୱର : ବନ୍ୟପ୍ରାଣୀ ସପ୍ତାହ କେବଳ ବନ୍ୟପ୍ରାଣୀଙ୍କ ପ୍ରତି ଆମର ଭଲପାଇବା ପ୍ରକାଶ କରିବାର ଏକ ଅବସର ନୁହେଁ । ବରଂ ପ୍ରକୃତି ଓ ମଣିଷ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରତି ନୂଆ ସଂକଳ୍ପ ନେବାର ଅବସର । ଗତ ଦୁଇ ବର୍ଷ ମଧ୍ୟରେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏହି ସଫଳତା ପଛରେ ବୈଜ୍ଞାନିକ ଦୃଷ୍ଟିକୋଣ, ଆଧୁନିକ ପ୍ରଯୁକ୍ତି, ଦୃଢ଼ ପ୍ରଶାସନିକ ପଦକ୍ଷେପ ସହିତ ବନ କର୍ମଚାରୀ ଓ ସ୍ଥାନୀୟ ସମୁଦାୟଙ୍କର ନିଷ୍ଠାପୂର୍ଣ୍ଣ ଅବଦାନ ରହିଛି । ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ-୨୦୨୬ ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଂଟିଆ ଯୋଗଦେଇ କହିଛନ୍ତି । ଏହି ଅବସରରେ CM-GROW (ଚିଫ୍



ମିନିଷ୍ଟର୍ସ ଗ୍ରାଂଟ୍ ଫର୍ ରିସର୍ଚ୍ଚ ଅନ୍ ଓଡ଼ିଶାଜ୍ ୱାଇଲ୍ଡଲାଇଫ୍) ଯୋଜନାର ଶୁଭାରମ୍ଭ କରାଯାଇଥିଲା । ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଓଡ଼ିଶାର ବିଭିନ୍ନ ଦିବସୀୟ ଇକୋ-ଟୁରିଜମ୍ ଗନ୍ତବ୍ୟସ୍ଥଳର ଅନଲାଇନ୍ ଉଦ୍ଘାଟନ କରାଯାଇଥିଲା । ଏଥିରେ ଚନ୍ଦକା ବନ୍ୟପ୍ରାଣୀ ବିଭାଗର ପିକକ୍ ଭ୍ୟାଲି ଓ ନାଗେଶ୍ୱର ଡ୍ୟାମ୍, ଶିମିଳିପାଳ ଉତର ବନ୍ୟପ୍ରାଣୀ ବିଭାଗର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ଚିଲିକା ବନ୍ୟପ୍ରାଣୀ ବିଭାଗର କରଖୋଲ, ସମ୍ବଲପୁର ଚିଡ଼ିଆଖାନା ଏବଂ ହୀରାକୁଦ ବନ୍ୟପ୍ରାଣୀ ବିଭାଗର ପରିଦର୍ଶକ ସୁବିଧା ଆଦି ସାମିଲ ରହିଛି । ଏହାସହ ଚିଲିକାର ରାଜହଂସ, କୋରାପୁଟ ବନ ବିଭାଗର ରାଣୀ ଡୁଡୁମା, ମହାନଦୀ ବନ୍ୟପ୍ରାଣୀ ବିଭାଗର ବଡ଼ମୂଳ, ରାଜନଗର ବନ୍ୟପ୍ରାଣୀ ବିଭାଗର ପେଣ୍ଠା ଏବଂ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୱାକ୍-ଥ୍ରୁ ଏଭିଆରୀ ସମ୍ପ୍ରସାରଣ, ଅଷ୍ଟ୍ରେଲିଆନ୍ ଆଡଭେଂଚର୍ ବିକାଶ ଓ ଭେଟେରିନାରୀ ହସ୍ପିଟାଲ୍ ସମ୍ପ୍ରସାରଣ ପାଇଁ ଆଭାସୀ ମାଧ୍ୟମରେ ଶିଳାନ୍ୟାସ କରାଯାଇଥିଲା । ଏହି ଅବସରରେ "ଦ ବାୟୋଡାଇଭର୍ସିଟି ଅଫ୍ ଇଷ୍ଟର୍ନ ଘାଟ୍ସ" ଚଳଚ୍ଚିତ୍ରର ଶୁଭାରମ୍ଭ କରାଯାଇଥିଲା । ଓଡ଼ିଶାର ସମୃଦ୍ଧ ଜୈବବିବିଧତା ଓ ପୂର୍ବଘାଟର ପରିବେଶୀୟ ଗୁରୁତ୍ୱକୁ ଉପସ୍ଥାପନ କରୁଥିବା ଏହି ଚଳଚ୍ଚିତ୍ର ସହ "ଦ ଇଂଟରଟାଇଡାଲ୍ ଇକୋସିଷ୍ଟମ୍ ଅଫ୍ ଭିତରକନିକା" ଚଳଚ୍ଚିତ୍ର ମଧ ଉନ୍ମୋଚିତ ହୋଇଥିଲା ।

# ରାଜ୍ୟରେ ୫ରୁ ବଦଳିବ ପାଗ !

## ୧୨ରେ ଘୂର୍ଣ୍ଣିବଳୟ, ୧୩ରେ ଲଘୁଚାପ

ଭୁବନେଶ୍ୱର: ଅକ୍ଟୋବର ଆରମ୍ଭରୁ ଓଡ଼ିଶାର ପାଣିପାଗକୁ ନେଇ ଆସିଛି ବଡ଼ ଅପଡେଟ୍ । ଆସନ୍ତା ୩ ଦିନ ରାଜ୍ୟରେ ପ୍ରାୟତଃ ଶୁଖିଲା ପାଗ ରହିବ । ଏହାପରେ ଅକ୍ଟୋବର ୫ରୁ କିଛି ଜିଲ୍ଲାରେ ପାଗ ବଦଳିବା ସହ



ହାଲୁକାରୁ ମଧ୍ୟମ ବର୍ଷା ଓ ବିଜୁଳି-ଘଡ଼ଘଡ଼ି ହୋଇପାରେ । ଅକ୍ଟୋବର ୯ ପର୍ଯ୍ୟନ୍ତ ବିଭିନ୍ନ ଅଂଚଳରେ ଏଭଳି ପାଗ ଜାରି ରହିବା ନେଇ ପୂର୍ବାନୁମାନ ରହିଛି । ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ, ଅକ୍ଟୋବର ୩, ୪ ଓ ୫ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ଶୁଖିଲା ପାଗ ରହିବାର ସମ୍ଭାବନା ଅଛି । ଅର୍ଥାତ୍ ଆସନ୍ତା କିଛି ଦିନ ବର୍ଷାରୁ ଆଶ୍ୱସ୍ତି ମିଳିପାରେ । ତେବେ ଏହା ପରେ ପାଣିପାଗରେ ପରିବର୍ତନ ଆସିବ । ଅକ୍ଟୋବର ୫ରୁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହ ବିଜୁଳି ଓ ଘଡ଼ଘଡ଼ି ହୋଇପାରେ ।

## ଏସୀୟ କ୍ରୀଡ଼ା ୨୦୨୬

# ତୀରନ୍ଦାଜିର କୁମ୍‌କୁମ୍‌ଙ୍କୁ ଐତିହାସିକ ସ୍ୱର୍ଣ୍ଣ

ନାଗୋୟା: ଚଳିତଏସୀୟ କ୍ରୀଡ଼ାରେ ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ୩ ପଦକ ଜିତି ଭାରତୀୟ ତୀରନ୍ଦାଜିରେ ନୂଆ ନାୟିକା ଭାବେ ଉଭା ହୋଇଛନ୍ତି ୧୭ ବର୍ଷୀୟା କୁମ୍‌କୁମ୍ ଅନିଲ ମୋହୋଦ । ଶନିବାର ମହିଳା ରିକର୍ଭ ବ୍ୟକ୍ତିଗତ ବର୍ଗରେ ଏହି ଭାରତୀୟ ତୀରନ୍ଦାଜ ସ୍ୱର୍ଣ୍ଣ ଜିତି ଇତିହାସ ରଚିଛନ୍ତି । ଏଥିସହ ପ୍ରଥମ ଭାରତୀୟ ଭାବେ ସେ ଏସୀୟ କ୍ରୀଡ଼ା ତୀରନ୍ଦାଜି ରିକର୍ଭ ବ୍ୟକ୍ତିଗତ ବର୍ଗରେ ସ୍ୱର୍ଣ୍ଣଜିତିବାର ଗୌରବ ଅର୍ଜନ କରିଛନ୍ତି ଏବଂ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ଟିକେଟ୍ ମଧ କରାୟତ କରିଛନ୍ତି । ପୂର୍ବରୁ ଭାରତୀୟ ମହିଳା ଦଳ (ଅଙ୍କିତା ଭକତ, କୀର୍ତି ଶର୍ମା) ସହ କୁମ୍‌କୁମ୍ ସ୍ୱର୍ଣ୍ଣ ଜିତିଥିଲା ବେଳେ ମିଶ୍ରିତ ଯୁଗଳରେ ଧୀରଜ ବୋମ୍ମାଦେବାରାଙ୍କ ସହ ଐତିହାସିକ



ରୌପ୍ୟ ପାଇଥିଲେ । ଶନିବାର କଡ଼ା ସଂଘର୍ଷ ପୂର୍ଣ୍ଣ ଫାଇନାଲ୍‌ରେ କୁମ୍‌କୁମ୍ ସୁଟ୍‌ଆଉଟ୍ (୬-୫)ରେ ଦକ୍ଷିଣ କୋରିଆର ଓ ୟେଜିନ୍‌ଙ୍କୁ ପରାସ୍ତ କରିଥିଲେ । ଏହି ମ୍ୟାଚ୍‌ର ପ୍ରଥମ ଗେମ୍‌ରେ କୁମ୍‌କୁମ୍ ୦-୨ରେ ପଛରେ ପଡ଼ିଲା ପରେ ଦ୍ୱିତୀୟଟି ୧-୧ରେ ସରିଥିଲା । ଚତୁର୍ଥ ଗେମ୍‌କୁ ୟେଜିନ୍ ଓ ପଂଚମକୁ କୁମ୍‌କୁମ୍ ଜିତିବାରୁ ମ୍ୟାଚ୍ ଅମୀମାଂସିତ ରହିଥିଲା । ଶେଷରେ ଫଳାଫଳ ଲାଗି ମ୍ୟାଚ୍ ସୁଟ୍‌ଆଉଟ୍‌କୁ ଯାଇଥିଲା । ଏଥିରେ କୁମ୍‌କୁମ୍ ନିଜ ତୀର ୧୦ ରିଙ୍ଗ୍‌ରେ ପହଂଚିଥିଲା ବେଳେ ୟେଜିନ୍ ୮ ରିଙ୍ଗ୍‌ରେ ବଜାଇ ପରାଜୟ ବରଣ କରିଥିଲେ । ପୂର୍ବରୁ ସେମିଫାଇନାଲ୍‌ରେ କୁମ୍‌କୁମ୍ ବିଶ୍ୱର ପୂର୍ବତନ ୧ ନମ୍ବର ବିଶ୍ୱ ରେ ?ପ୍ୟ ବିଜେତା ଚୀନ୍‌ର ଜିଙ୍ଗୟି ଝୁଙ୍କୁ ଏବଂ କ୍ୱାର୍ଟରଫାଇନାଲ୍‌ରେ ବିଶ୍ୱ ବିଜେତା ଦକ୍ଷିଣ କୋରିଆ ଖେଳାଳି କାଙ୍ଗ ଚାଏୟଙ୍ଗଙ୍କୁ ସମାନ ୬-୪, ୬-୪ ବ୍ୟବଧାନରେ ହରାଇ ସ୍ୱର୍ଣ୍ଣ ମୁକାବିଲାରେ ଅବତୀର୍ଣ୍ଣ ହୋଇଥିଲେ ।

# ବିଶ୍ୱର ଏକ ନମ୍ବର କୁସ୍ତି ଯୋଦ୍ଧାଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଲେ ଭାରତର ଅମନ

ନୂଆଦିଲ୍ଲୀ : ଏସୀୟ କ୍ରୀଡ଼ା ୨୦୨୬ରେ କୁସ୍ତି ମଂଚରେ ଚମକିଲେ ଭାରତର ଅମନ ଶେରାୱତ । ପୁରୁଷ ୫୭ କେଜି ଫ୍ରିଷ୍ଟାଇଲ୍ କୁସ୍ତିର ଫାଇନାଲରେ ଉତର କୋରିଆର ବିଶ୍ୱ ଚାମ୍ପିଅନ୍ ହାନ୍ ଚୋଙ୍ଗ ସୋଙ୍ଗଙ୍କୁ ୧୧-୭ରେ ପରାସ୍ତ କରି ଅମନ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଫାଇନାଲ ମୁକାବିଲା ଶେଷ ପର୍ଯ୍ୟନ୍ତ ରୋମାଂଚକର ରହିଥିଲା । ଗୋଟିଏ ସମୟରେ ଅମନ ୬-୭ରେ ପଛୁଆ ଥିଲେ । କିନ୍ତୁ ମ୍ୟାଚ୍‌ର ଶେଷ ଭାଗରେ ଜୋରଦାର ପ୍ରତ୍ୟାବର୍ତନ କରି ୧୧-୭ରେ ବିଜୟ ହାସଲ କରିଥିଲେ । ଏହି ବିଜୟ ସହ ୫୭ କେଜି ପୁରୁଷ ଫ୍ରିଷ୍ଟାଇଲ୍ ବର୍ଗରେ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ଜିତିବାରେ ଅମନ ପ୍ରଥମ ଭାରତୀୟ କୁସ୍ତିଯୋଦ୍ଧା ହୋଇଛନ୍ତି । ହାନ୍ ଚୋଙ୍ଗ ସୋଙ୍ଗ ବର୍ତମାନର ବିଶ୍ୱ ଚାମ୍ପିଅନ୍ ଭାବେ ଏହି ଫାଇନାଲକୁ ଆସିଥିଲେ । ତେଣୁ ଅମନଙ୍କ ପାଇଁ ମୁକାବିଲା ସହଜ ନଥିଲା । ତଥାପି ମ୍ୟାଚ୍ ?ର ନିର୍ଣ୍ଣାୟକ ସମୟରେ ଚାପକୁ ସମ୍ଭାଳି



ଅମନ ଲଗାତାର ପଏଂଟ ହାସଲ କରି ବିଜୟ ନିଶ୍ଚିତ କରିଥିଲେ । ଏହି ସ୍ୱର୍ଣ୍ଣ ପଦକ ସହ ଏସୀୟ କ୍ରୀଡ଼ା ୨୦୨୬ରେ ଭାରତର ସ୍ୱର୍ଣ୍ଣ ସଂଖ୍ୟା ୨୦ରେ ପହଂଚିଛି । ଭାରତ ମୋଟ ୮୧ଟି ପଦକ ଜିତିଥିବା ବେଳେ ସେଥିରେ ୨୦ ସ୍ୱର୍ଣ୍ଣ, ୨୬ ରୌପ୍ୟ ଓ ୩୬ ବ୍ରୋଞ୍ଜ ରହିଛି । ପଦକ ତାଲିକାରେ ଭାରତ ବର୍ତମାନ ପଂଚମ ସ୍ଥାନରେ ରହିଛି । ଅମନଙ୍କ ପାଇଁ ଏହା ଆଉ ଏକ ବଡ଼ ସଫଳତା । ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ସେ ୫୭ କେଜି ବର୍ଗରେ ବ୍ରୋଞ୍ଜ ପଦକ ଜିତିଥିଲେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**